## ଆଜି କ'ଣ କେଉଁଠି

ସମ୍ବଲପୁର
- ଫୁଟବଲ ପ୍ରତିଭା ଚୟନ ଶିବିର, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୭ଟା ।

## ସଂକ୍ଷେପରେ

### ସୈନିକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ସମ୍ବଲପୁର,୨୫ା୩(ବ୍ୟୁରୋ):** ସମ୍ବଲପୁର ବସନ୍ତପୁରଠାରେ ଥିବା ସୈନିକ ସ୍କୁଲରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କୋଭିଡ୍ କଟକଣା ଯୋଗୁ ପ୍ରଥମ ବର୍ଷ ଅନ୍‌ଲାଇନରେ ପାଠପଢ଼ା ଓ ପରୀକ୍ଷା ହୋଇଥିଲା। ଏବେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପ୍ରଥମଥର ସ୍କୁଲରେ ପହଞ୍ଚିବା ପରେ ଆର୍‌ଟିପିସିଆର୍ ପରୀକ୍ଷା କରାଯାଇଥିଲା। ସାଙ୍ଗରେ ଆଣିଥିବା ବାକ୍ସ ଓ ଅନ୍ୟ ସାମଗ୍ରୀକୁ ସାନିଟାଇଜ କରାଯାଇଥିଲା। ସୂଚନାଯୋଗ୍ୟ ସ୍କୁଲ ପ୍ରତିଷ୍ଠାକୁ ୨ବର୍ଷ ହୋଇଯାଇଛି। ହେଲେ କୋଭିଡ୍ କଟକଣା ଯୋଗୁ ଅନ୍‌ଲାଇନରେ ଶିକ୍ଷାଦାନ ଚାଲିଥିଲା। ଉଭୟ ପ୍ରଥମ ବର୍ଷର ସପ୍ତମ ଓ ଦ୍ୱିତୀୟ ବର୍ଷର ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଶିବ ଦର୍ଶନ ଭବନରେ କର୍ମଶାଳା

**ସମ୍ବଲପୁର, ୨୫ା୩ (ବ୍ୟୁରୋ):** ସମ୍ବଲପୁର ଦାନୀବନ୍ଧସ୍ଥିତ ଶିବ ଦର୍ଶନ ଭବନଠାରେ ଆଧାତ୍ମିକ ଜରିଆରେ ଐକ୍ୟବଦ୍ଧତା ସୁସଙ୍ଗତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ସମ୍ବଲପୁର ଜୋନ ପ୍ରଶାସିକା ପାର୍ବତୀ ଦିଦି ଏଥିରେ ଅଧକ୍ଷତା କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି, ସ୍ୱାର୍କ ଉଇଙ୍ଗର ନ୍ୟାଶନାଲ କୋଅର୍ଡିନେଟର ଶ୍ରୀକାନ୍ତ ଭାଇ ମୁଖ୍ୟବକ୍ତା ଓ ଏସ୍‌ୟୁ ରେଜିଷ୍ଟ୍ରାର ନୃପରାଜ ସାହୁ, ସଞ୍ଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ସାକ୍ଷରତା ଓ ଆଧାତ୍ମିକତା ଜୀବନରେ ଶାନ୍ତି ଆଣିବାରେ ସହାୟକ ହୋଇଥାଏ। ସମ୍ବନ୍ଧ ସ୍ଥାପନରେ ସୁଖ ମିଳି ନ ଥାଏ, ଖୁସି ବାଣ୍ଟିଲେ ହିଁ ଖୁସି ମିଳିଥାଏ ବୋଲି କହିଥିଲେ। ଡ. ନୃପରାଜ ସାହୁ ସବୁ ନିରାଶ ସତ୍ତ୍ୱେ ଭଗବାନଙ୍କ ଉପରେ ଏକ ବିଶ୍ୱାସ ଓ ଆସ୍ଥା ରହିଛି। ଏହାହିଁ ଆଧାତ୍ମିକତା ବୋଲି କହିଥିଲେ।

### ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସ୍ୱାମୀ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୨୫ା୩ (ସ୍ୱ.ପ୍ର.):** ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସ୍ୱାମୀ ଶୁକ୍ରବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୌଦ୍ଧ ଜିଲା ଦମାଗୋରା ଗ୍ରାମର ଶେଷ ମଲିକ ଆମ୍ବଝରୀ ପଞ୍ଚାୟତର ନୂଆଗାଁର ରବୀନ୍ଦ୍ର କହଁରଙ୍କ ଝିଅ ରୀନା କହଁରଙ୍କୁ ଗତ ଜାନୁୟାରୀ ମାସ ୫ ତାରିଖରେ ବିବାହ କରିଥିଲେ। କୁଆଡେ ଏହି ବିବାହରେ ରୀନାର ବାପ ଘର ଲୋକେ ରାଜି ନ ଥିବା ଅଭିଯୋଗରୁ ଜଣାପଡିଛି। ଗତ ଗୁରୁବାର ସକାଳୁ ରୀନା ମହୁଲ ଫୁଲ ଗୋଟାଇବାକୁ ଯାଇଥିବାବେଳେ ସେ ଘରକୁ ନ ଫେରିବାରୁ ସ୍ୱାମୀ ଖୋଜାଖୋଜି କରିଥିଲେ। ମାତ୍ର ପାଇ ନ ଥିଲେ। ଏକ ବୋଲେରେ ଗାଡି ଓ ମୋଟର ସାଇକେଲରେ ୧୦ରୁ ୧୨ ଜଣ ଲୋକ ଆସି ଉଠାଇ ନେଇଥିବା ନେଇ ଶେଷ ତାଙ୍କ ଭାଉଜଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଶୁଣିବାକୁ ପାଇଥିଲେ ଯେ ତାଙ୍କ ଶ୍ୱଶୁର ଘର ଲୋକେ ଆସି ଉଠାଇ ନେଇଯାଇଛନ୍ତି।

# ପୁରନ୍ଦରଙ୍କ ପାଇଁ ଆବାସ ଯୋଜନା ସ୍ୱପ୍ନ

**ନାକଟିଦେଉଳ,୨୫ା୩(ଡ଼ି.ଏନ.ଏ.)**


ପଲିଥିନ ପଡିଥିବା ଭଙ୍ଗା ଘର ଆଗରେ ବୃଦ୍ଧ ଦମ୍ପତି।

ଗରିବ ଅସହାୟମାନଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେଉଛନ୍ତି। ହେଲେ ଏତବରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି ଏକ ବୃଦ୍ଧ ଦମ୍ପତି। ସେମାନେ ହେଲେ ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ନିକଟ କୁଦପଶି ସାହିର ପୁରନ୍ଦର ମିର୍ଦ୍ଧା ଓ ସୁଭଦ୍ରା ମିର୍ଦ୍ଧା। ବୟସର ଅପରାହ୍ନରେ ବି ଏମାନେ ସରକାରୀ ଯୋଜନାରୁ ବହୁ ଦୂରରେ। ପୁରନ୍ଦରଙ୍କୁ ଘର ଖଣ୍ଡିଏ ମିଳି ନ ଥିବାବେଳେ ସୁଭଦ୍ରାଙ୍କୁ ରାଶନ ସାମଗ୍ରୀ କିମ୍ବା ଭତ୍ତା ମିଳିନାହିଁ। ଝିଅକୁ ଅନ୍ୟତ୍ର ବାହାଦେଇଥିବାବେଳେ ଏକମାତ୍ର ପୁଅ ବାହାଘର ପରେ ୫ବର୍ଷ ହେଲା ଶ୍ୱଶୁର ଘରେ ରହୁଛନ୍ତି। ଫଳରେ ବୃଦ୍ଧ ଦମ୍ପତି ଏକୁଟିଆ ରହୁଛନ୍ତି। ପୁରନ୍ଦର ସ୍ତ୍ରୀ ସହିତ ମୁଲ ଲାଗି ପେଟ ପୋଷୁଛନ୍ତି। ପୁରନ୍ଦରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୫କେଜି ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ୫ଶହ ଟଙ୍କା ଭତ୍ତା ମିଳୁଛି। କିନ୍ତୁ ସୁଭଦ୍ରାଙ୍କ ନାମ ରାଶନ କାର୍ଡ଼ରେ ନ ଥିବାରୁ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଘର ନ ଥିବାରୁ ଉଭୟ ପଲିଥିନ ଟାଣି ଏକ ଭଙ୍ଗା ଦଦରା ଘରେ ରହୁଛନ୍ତି। ଘର ଛପର କରିପାରୁ ନ ଥିବାରୁ ବର୍ଷା ପାଣି ଗଳି ଚଟାଣ ଓଦା ହୋଇଯାଉଛି। ଅତ୍ୟଧିକ ବର୍ଷା ହେଲେ ଘର ଧସିଯିବା ଆଶଙ୍କାରେ ସେମାନେ ଗାଁ ମୁଣ୍ଡରେ ଥିବା କେନ୍ଦୁପତ୍ର ଫଡ଼ି କିମ୍ବା ଅନ୍ୟ କାହା ପିଣ୍ଡାରେ ଆଶ୍ରୟ ନିଅନ୍ତି ବୋଲି ପଡ଼ିଶା ଲୋକେ କହିଛନ୍ତି। ଘର ଖଣ୍ଡିଏ ପାଇଁ ଏମାନେ ୨୦ବର୍ଷ ହେଲା ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ ସୁଫଳ ମିଳିନାହିଁ। କେବଳ ନିର୍ବାଚନ ସମୟରେ ଆସି ଭୋଟ ଦିଅ ବୋଲି କହୁଛନ୍ତି। ବ୍ଲକ ଅଫିସ ମଧ ଦୌଡ଼ି ନୟାନ୍ତ ହୋଇ ଗଲୁଣି ବୋଲି କ୍ଷୋଭର ସହ କହିଛନ୍ତି ଏହି ବୃଦ୍ଧ ଦମ୍ପତି। ଏ ସମ୍ପର୍କରେ ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏହାର ତଦନ୍ତ କରିବି। ଯଦି ସେ ପୂର୍ବରୁ ଘର ପାଇ ନ ଥିବେ ତେବେ ତାଙ୍କୁ ଘର ଯୋଗାଇ ଦିଆଯିବ।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

**ଜମନକିରା,୨୫ା୩ (ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶିଶୁ ପାଇଁ ଦିନଟିଏ ଶୀର୍ଷକ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡୁରୁଚୁଆଁ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚ ସୁରେଖା ମୁଣ୍ଡା, ଭୋଜପୁରରେ ସରପଞ୍ଚ କର୍ପୂର ପାତ୍ର, ବଡ଼ରମାରେ ସରପଞ୍ଚ ବିଜୟ କୁମାର ନାଏକ, ଟିକିବାରେ ସରପଞ୍ଚ ମମତା ଭାଙ୍ଗରା, ଫାଶିମାଲରେ ସରପଞ୍ଚ ମାଧବିଲତା ବାରିହା, ଓ କସଡାରେ ସରପଞ୍ଚ ହୁତାସିନୀ ନାଏକ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସରପଞ୍ଚ , ୱାର୍ଡମେମ୍ବରଙ୍କୁ କମିଟି ତରଫରୁ ସ୍ୱାଗତ କରାଯାଇଥିଲା। ଚାଇଲ୍ଡଲାଇନ ସଦସ୍ୟ ଭୂମିଶ୍ୱେତା ଧୁରୁଆ ବାଲ୍ୟବିବାହ ନିରାକରଣ, ଶିଶୁ ଅଧିକାର, ଶିଶୁ ଅଧିକାର ସୁରକ୍ଷା ଭିତ୍ତିକ ଆଶୀର୍ବାଦ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ଆଇସିଡ଼ିଏସ ସୁପରଭାଇଜର ପୁଷ୍ପମଞ୍ଜରୀ ପଟେଲ, ସରସ୍ୱତୀ ସାହୁ, ସରୋଜିନୀ ପଟେଲ, ଅଙ୍ଗନୱାଡ଼ି କର୍ମୀ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ଶିଶୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ଡିଆର୍‌ଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ



ସମ୍ବଲପୁର ଡିଆର୍‌ଏମ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ସମ୍ବଲପୁର,୨୫ା୩ (ବ୍ୟୁରୋ)**

ଅଲ ଇଣ୍ଡିଆ ଗାର୍ଡ କେନ୍ଦ୍ରର କାର୍ଯ୍ୟକାରିଣୀ ସମିତି ଆହ୍ୱାନ କ୍ରମେ ଟ୍ରେନ୍ ମ୍ୟାନେଜରମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ସମ୍ବଲପୁର ଡିଆର୍‌ଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟତଃ ଟ୍ରଲି ବ୍ୟାଗ ପ୍ରଚଳନ ବନ୍ଦ କରିବାକୁ ସ୍ଲୋଗାନ ଦେଇଥିଲେ । ଡିଭିଜନାଲ ସେକ୍ରେଟାରୀ ଗୌରହରି ନାଏକ, ରାଜେଶ କୁମାର ସିଂ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ଏକ ପ୍ରତିନିଧି ଦଳ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ପରେ ସେମାନେ ଚେୟାରମ୍ୟାନ, ରେଲୱେ ବୋର୍ଡଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

# ବିବିଏଲ୍ ରାତ୍ର କ୍ରିକେଟ ଉଦ୍‌ଘାଟିତ


ଦୁଇ ଦଳର ଖେଳାଳିଙ୍କ ସହ ଅତିଥି।

**ଜମନକିରା,୨୫ା୩ (ଡି.ଏନ.ଏ.)**

ଜମନକିରା ବ୍ଲକ ସଦର ମହକୁମା ପୁରୁଣା ଥାନା ସମ୍ମୁଖ ପଡ଼ିଆରେ ଗୁରୁବାର ରାତିରେ ବିଗ୍ ବାସ ଲିଗ୍ (ବିବିଏଲ) କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ଏପ୍ରିଲ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସାମାଜିକ କର୍ମୀ ଅଦା ମହାକୁଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଅମ୍ପାୟର ଭାବେ ରାଜୀବ ସାହୁ ଓ ବୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ରୟାଲ ଡ୍ରାଗନ୍ସ ଓ ବଜରଙ୍ଗ ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରୟାଲ ଡ୍ରାଗନ୍ସ ୧୦ ଓଭରରେ ୬ ଉଇକେଟ ହରାଇ ୬୬ ରନ କରିଥିଲା। ଜବାବରେ ବଜରଙ୍ଗ ୱାରିୟର୍ସ ୫୪ ରନ୍ କରି ପରାଜିତ ହୋଇଥିଲା। ଦେବାଶିଷ ମହାକୁଲ, ଗୋପାଳ ସାହୁ, ଅବିନାଶ ଦାନି, ସୁଦର୍ଶନ ଖୁଣ୍ଟିଆ, ଦେବବ୍ରତ ଦାନି, ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଅଘରିଆ ସମାଜର ବାର୍ଷିକ ସମ୍ମିଳନୀ

**କୁଚିଣ୍ଡା,୨୫ା୩ (ଡି.ଏନ.ଏ.)**

ଅଖିଳ ଭାରତୀୟ ଅଘରିଆ ସମାଜର ବାର୍ଷିକ ସମ୍ମିଳନୀ ଶୁକ୍ରବାର ପାରୁଆଭାଡ଼ି ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ସମ୍ମିଳନୀରେ ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ବାମଣ୍ଡା ଆଞ୍ଚଳିକ ସଭାପତି ବନମାଳୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପାରୁଆଭାଡି ସମ୍ପାଦକ ଘନଶ୍ୟାମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆସନ୍ତା ୩୧ ତାରିଖ କୁନ୍ତରାଠାରେ ହେବାକୁ ଥିବା ମହିଳା ସମ୍ମିଳନୀକୁ ସଫଳ କରିବା ଓ ଲଇଡ଼ାଠାରେ ହେବାକୁ ଥିବା ଶତବାର୍ଷିକୀ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଗିରିଜା ଶଙ୍କର ନାୟକ, ରମେଶ ଚନ୍ଦ୍ର ପଟେଲ, ସତ୍ୟ ନାରାୟଣ ପଟେଲ, ସନାତନ ନାୟକ, ଅମିନା ନାୟକ, ବିଷ୍ଣୁପ୍ରିୟା ନାୟକ, ଅନ୍ନପୂର୍ଣ୍ଣା ନାୟକ, ସୈରେନ୍ଦ୍ରି ନାୟକ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଘନଶ୍ୟାମ ନାୟକ ଧନ୍ୟବାଦ ଦେଇଥିଲେ।

## ବାଇକ୍ -ଟ୍ରକ୍ ଧକ୍କା, ଦୁଇ ଆହତ

**ଦେଓଗାଁ, ୨୫ା୩(ଡି.ଏନ.ଏ.)**

ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଲେଜ ଛକ ନିକଟରେ ବାଇକ୍ ଓ ମଦ ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବାଇକ୍ ଚାଳକ ଓ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ଦେଓଗାଁ ବସଷ୍ଟାଣ୍ଡ ପଟୁ ଦେଓଗାଁ କଛାରପାଲିର ଅବଦୁତ ରଣା ବାଇକ୍‌ରେ ଯାଉଥିବା ବେଳେ ସୋନପୁରରୁ ସଇଁତଳା ଅଭିମୁଖେ ଯାଉଥିବା ଟ୍ରକ (ନଂ ଓଆର ୦୩ ଏ ୭୨୮୧) ସହ ଧକ୍କା ହୋଇଥିଲା । ବାଇକ୍ ଚାଳକଙ୍କୁ ବଞ୍ଚାଇବା ପାଇଁ ମଦ ବୋଝେଇ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଗାଡିରେ ଥିବା ମଦ ବୋତଲ ଭାଙ୍ଗି ଯିବାରୁ ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ସୋନପୁର,୨୫ା୩(ନି.ପ୍ର.)**

ଦେଶରେ କିଛି ଦିନ ହେବ ତୈଳ ଦର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଏହା ଜନସାଧାରଣଙ୍କୁ ଖୁବ୍ ବାଧୁଛି । ତେଣୁ ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ସୁବର୍ଣ୍ଣପୁର ଜିଲା ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ ଶୁକ୍ରବାର ସୋନପୁର ସହର ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦୃଢ ପ୍ରତିବାଦ କରାଯାଇଛି। ସେହିପରି ବିଦ୍ୟୁତ୍ ବିଲ୍ ୨୦୨୨କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସମ୍ବଲପୁର ସ୍କାଉଟ୍ସ ଗାଇଡ୍ସର କୃତିତ୍ୱ

ସମ୍ବଲପୁର,୨୫ା୩(ବ୍ୟୁରୋ)



କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱରଠାରେ ଭାରତ ସ୍କାଉଟ୍ସ ଗାଇଡ୍ସ ଆୟୋଜିତ ପ୍ରତୀକ୍ଷା କ୍ୟାମ୍ପରେ ସମ୍ବଲପୁର ଜିଲାର ପ୍ରତିଯୋଗୀ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ପେପର କ୍ରାଫ୍ଟରେ ପ୍ରଥମ, କଲର ପାର୍ଟିରେ ଦ୍ୱିତୀୟ, ଲୋକନୃତ୍ୟ, ବକ୍ତୃତା, କ୍ଷୁଦ୍ର ନାଟକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ର୍ୟାମ୍ପ ଶୋରେ ୩ଟି, ଯୋଗାସନରେ ୧ଟି, କ୍ୟାମ୍ପ ଫାୟାରରେ ୧ଟି, ମେସେଞ୍ଜର ଅଫ ପିସରେ ୬ଟି ପଦକ ହାସଲ କରିଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର ଜିଲା କାଇଁଶିର ହାଇସ୍କୁଲ, ମୁଣ୍ଡେନପାଲି ହାଇସ୍କୁଲ, ରେଢ଼ାଖୋଲ ରାଣୀ ଅନ୍ନପୂର୍ଣ୍ଣା ଓ କଦଳୀଗଡ ହାଇସ୍କୁଲରୁ ୧୦ଜଣ ସ୍କାଉଟ୍ ଏବଂ ୨୨ଜଣ ଗାଇଡ୍ ସାମିଲ ଥିଲେ। ଚିତ୍ତରଞ୍ଜନ ପଣ୍ଡା, ତ୍ରିବିକ୍ରମ ରଣା ଓ ପୁଷ୍ପବତୀ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାମିଲ ଥିଲେ । ଗତ ୨୧ ତାରିଖରୁ କାର୍ଯ୍ୟକ୍ରମ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି ।

## ଆକୃଷ୍ଟ କରୁଛି ହାଇଟେକ୍ ଫୁଲ ଉଦ୍ୟାନ


ଭୂଷଣ ଟାଉନଶିପ୍ ପରିସରରେ ବିଭିନ୍ନ ପ୍ରଜାତିର ଫୁଲ ଫୁଟିଛି।

**ସମ୍ବଲପୁର,୨୫ା୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଠେଲକୋଲୋଇ ଗ୍ରାମଠାରେ ରହିଛି ଜେଏସ୍‌ଡବ୍ଲ୍ୟୁ ଭୂଷଣ ଟାଉନଶିପ ଓ ପ୍ଲାଣ୍ଟ। ଏହା ପରିସରରେ ଥିବା ହାଇଟେକ୍ ଫୁଲ ଉଦ୍ୟାନ ଲୋକଙ୍କୁ ଆକୃଷ୍ଟ କରୁଛି। ଏଠାରେ ଶୀତକାଳୀନ ବିଭିନ୍ନ ପ୍ରଜାତିର ଫୁଲ ଫୁଟିଛି। ଫୁଲ ସମ୍ଭାରରେ ଟାଉନଶିପ ଓ ପ୍ଲାଣ୍ଟ ପରିସର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଛି। କମ୍ପାନୀ ଉଦ୍ୟାନ କୃଷି ବିଭାଗର ଡା. ଶ୍ୟାମ ଗାଇଡାନଙ୍କ ନେତୃତ୍ୱରେ ଏହି ହାଇଟେକ୍ ଉଦ୍ୟାନ ହୋଇଛି। ଏଥିରେ ୨୩ ପ୍ରଜାତିର ଫୁଲ ଚାରା ଲଗାଯାଇଥିଲା। ଏହା ମଧ୍ୟରେ ଡାଲିଆ, କ୍ୟାଲେଣ୍ଡୁଲା, ମେରିଗୋଲ୍ଡ, ପାନିସ, ଟୋରେନିଆ, ଆଷ୍ଟର ପ୍ରଭୃତି ଫୁଲ ରହିଛି।

# ଗୁଣନିଧିଙ୍କ ପାଠପଢ଼ାରେ ଅର୍ଥ ସାଜିଛି ବାଧକ

**ଲୋଇସିଂହା,୨୫ା୩(ଡି.ଏନ.ଏ)**


ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇଥିବା ଦୁମଦୁମି ଗ୍ରାମର ଗୁଣନିଧି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଦୁମଦୁମି ଗ୍ରାମର ଗୁଣନିଧି ମଲ୍ଲିକ(୨୧) ଏକ ସଡକ ଦୁର୍ଘଟଣାରେ ନିଜ ଡାହାଣ ଗୋଡ ହରାଇଛନ୍ତି । ଚିକିତ୍ସା ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଯିବାରୁ ଏବେ ତାଙ୍କ ପାଠପଢା ପାଇଁ ଅର୍ଥ ସାଜିଛି ବାଧକ । ଗୁଣନିଧି ହେଉଛନ୍ତି କୁଟେନପାଲି ପଞ୍ଚାୟତ ଅନ୍ତର୍ଗତ ଦୁମଦୁମି ଗ୍ରାମର ସମାରୁ ମଲ୍ଲିକ ଓ ସୁରୁବାଲଙ୍କ ସାତୋଟି ସନ୍ତାନ ମଧ୍ୟରୁ ଏକମାତ୍ର ପୁଅ। ସେ ୨୦୧୭ରେ ମାଟ୍ରିକ ପାସ କରିଛନ୍ତି । ଏବେ ବଲାଙ୍ଗୀର ସଦାଇପାଲିରେ ଥିବା ସାଇଟ୍ କଲେଜରେ ଇଲେକ୍ଟ୍ରିକାଲରେ ଡିପ୍ଲୋମା ୩ୟ ବର୍ଷ ଛାତ୍ର । ହେଲେ ଗତ ଜାନୁୟାରୀ ମାସରେ ୩ ଜଣ ସାଙ୍ଗ ଏକ ବାଇକ୍‌ରେ ଲୋଇସିଂହାକୁ ଆସୁଥିବା ବେଳେ ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ହନୁମାନ ଛକରେ ଏକ ଟ୍ରକ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଜଣେ ସାମାନ୍ୟ ଆହତ ହୋଇଥିବା ବେଳେ ଗୁଣନିଧି ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଗୁଣନିଧିଙ୍କୁ ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲରେ ୧୦ ଦିନ ଧରି ଚିକିତ୍ସା କରାଯାଇଥିଲା। ସେଠାକାର ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ଡାହାଣ ଗୋଡକୁ କାଟିବାକୁ କହିଥିଲେ । ଜଂଘରୁ ତାଙ୍କ ଗୋଡକୁ କଟାଯାଇଛି । ସବୁଦିନ ପାଇଁ ଡାହାଣ ଗୋଡକୁ ହରାଇ ଭୁବନେଶ୍ୱରରେ ଗୋଟିଏ ମାସ ଧରି ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଚିକିତ୍ସାରେ ପାଖାପାଖି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଅଭାବୀ ପରିବାର ହୋଇଥିବାରୁ ଉକ୍ତ ଟଙ୍କା ଧାର ଉଧାର କରି ଚିକିତ୍ସାରେ ଖର୍ଚ୍ଚ କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି । ଦୁର୍ଘଟଣାରେ ଏକମାତ୍ର ପୁଅ ଗୋଡ ହରାଇବା ଓ ତା ପଠପଢାରେ ଡୋରି ବନ୍ଧା ହେବାକୁ ଯାଉଥିବା ନେଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଗୁଣନିଧିଙ୍କୁ ଏକ ଆଶା ବାଡି, ଆର୍ଥିକ ସହାୟତା ଯୋଗାଇ ଦେବା ସହ ଡିପ୍ଲୋମା ପାଠ ପଢା ଖର୍ଚ୍ଚ ବହନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲାପରିଷଦ ଉପସଭାପତି ହେଲେ ମାଧବ ମିର୍ଦ୍ଧା


ଉପସଭାପତି ମାଧବ ମିର୍ଦ୍ଧାଙ୍କ ସହ ବିଜେଡି କର୍ମକର୍ତ୍ତା ।

**ସମ୍ବଲପୁର, ୨୫ା୩ (ବ୍ୟୁରୋ)**

ସମ୍ବଲପୁର ଜିଲାପରିଷଦ ଉପ ସଭାପତି ଭାବେ ଝୁଝୁମୁରା ବ୍ଲକ ଜୋନ-୨ର ଜିଲା ପରିଷଦ ସଭ୍ୟ ମାଧବ ମିର୍ଦ୍ଧା ନିର୍ବାଚିତ ହୋଇଛନ୍ତି। ଏ ଉପଲକ୍ଷେ ଜିଲା ପରିଷଦ ସଭାପତି କୁମୁଦିନୀ ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବିଜେଡ଼ି ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପଧାନ ବନ୍ଦ ଲଫାପ ଖୋଲି ମାଧବଙ୍କ ନାମ ଉପସଭାପତି ପାଇଁ ଘୋଷଣା କରିଥିଲେ। ପରେ ନିର୍ବାଚନ ପ୍ରକ୍ରିୟା ହୋଇଥିଲା। ଦଳର ନିଷ୍ପତ୍ତିକ୍ରମେ ମାଧବ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ବୈଠକରେ ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ନବନିର୍ବାଚିତ ଜିଲାପରିଷଦ ଉପସଭାପତି ଯୁବ ନେତା ମାଧବଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଗ୍ରାମାଞ୍ଚଳର ବିକାଶ ଯୋଜନା କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ଅକ୍ଷୟ ସାହୁ ଝାରସୁଗୁଡା ଜିଲାପରିଷଦ ଉପସଭାପତି

**ଝାରସୁଗୁଡ଼ା ଅଫିସ,୨୫ା୩:** ଝାରସୁଗୁଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାପରିଷଦ ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ଲଖନପୁର ଜୋନ ୨ର ଜିଲାପରିଷଦ ସଭ୍ୟ ଅକ୍ଷୟ ସାହୁ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ନିର୍ବାଚିତ ହୋଇଥିଲେ। ପ୍ରାର୍ଥୀ ଅକ୍ଷୟ ସାହୁଙ୍କ ପାଇଁ ପ୍ରସ୍ତାବକ ଭାବେ ଲଖନପୁର ଜୋନ ୧ ଜିଲାପରିଷଦ ସଭ୍ୟ ସନତ ସିଂ ଆବେଦନପତ୍ର ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଦାଖଲ କରିଥିଲେ। ଯାଞ୍ଚ ପରେ ଏହା କାଏମ ରହିଥିଲା। ଅକ୍ଷୟ ଏକମାତ୍ର ପ୍ରାର୍ଥୀ ଭାବେ ଆବେଦନପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ତାଙ୍କୁ ଜିଲାପରିଷଦ ଉପସଭାପତି ଭାବେ ଘୋଷଣା କରିଥିଲେ। ପରେ ନିର୍ବାଚନ ଅଧିକାରୀ ତାଙ୍କୁ ଶପଥ ପାଠ କରାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିରେ ଜିଲାର ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବେ ଅକ୍ଷୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**କଳାହାଣ୍ଡି ଜିଲ୍ଲା ପୌର ନିର୍ବାଚନ: ଆଜି ଭୋଟ ଗଣତି**

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲାରେ ଗୁରୁବାର ଶାନ୍ତିଶୃଙ୍ଖଳା ସହ ପୌର ନିର୍ବାଚନ ପାଇଁ ମତଦାନ ଶେଷ ହୋଇଥିଲା। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ, କେସିଙ୍ଗା ୩ଟି ଏନ୍‌ଏସିରେ ୧୯୦ଜଣ କାଉନସିଲର ପ୍ରାର୍ଥୀ ଓ ୧୯ଜଣ ଅଧକ୍ଷା/ଅଧକ୍ଷ ପ୍ରାର୍ଥୀ ସମୁଦାୟ ୨୦୯ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ ହୋଇଛି। ଶନିବାର ଭୋଟ ଗଣତି ପରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ଏଥିପାଇଁ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ସକାଳ ୮ଟାରୁ ଭୋଟ ଗଣତି କାର୍ଯ୍ୟକ୍ରମ ଚାଲିବ। ଏହାକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



## ସଂକ୍ଷେପରେ

### ପୋଲିସକୁ ମାଡ଼ ଘଟଣା: ଆଉ ଜଣେ ଗିରଫ



**ବରଗଡ଼ ଅଫିସ୍,୨୫।୩:** ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି କଲେଜ ସମ୍ମୁଖରେ ଗତ କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ପରେ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ମାଡ଼ ମାମଲାରେ ଶୁକ୍ରବାର ପୋଲିସ ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗାଇସିଲେଟ ଥାନା ବଡ଼ ଡୁଙ୍ଗୁରିପାଲି ଗ୍ରାମର ବିପିନ ସାହୁ(୫୬)। ଏହାପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୫୭/୨୨) ରୁଜୁ ହୋଇଛି।

### ପର୍ଯ୍ୟଟନସ୍ଥଳୀ ଭୀମ ପାହାଡ଼ରେ ବୋଟିଂର ଶୁଭାରମ୍ଭ

**ଦେଓଗାଁ,୨୫।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମ ପାହାଡରେ ଶୁକ୍ରବାର ନୂତନ ଭାବେ ଆରମ୍ଭ କରାଯାଇଥିବା ବୋଟିଂ ସୁବିଧାର ଶୁଭାରମ୍ଭ କରାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଭୀମ ପାହାଡକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଏହି ପରିପେକ୍ଷୀରେ ବର୍ତ୍ତମାନ ଏହାର ଆହୁରି ବିକାଶମୂଳକ କାମ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୩ କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସିଂଦେଓ ଯୋଗଦେଇ ଦେଓଗାଁ ବ୍ଲକରେ ପର୍ଯ୍ୟଟନର ବିକାଶ ସହ ଜଳସେଚନର ସୁବିଧା ପାଇଁ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ତଥା ଅନ୍ୟାନ୍ୟ ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର ସାହୁ, ବରିଷ୍ଠ ନେତା ପ୍ରମୋଦ କୁମାର ବହିଦାର, ସ୍ଥାନୀୟ ସମିତି ସଭ୍ୟ ଅଭିମନ୍ୟୁ ମାଝୀ ତଥା ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଷୋହଳ ପ୍ରହର ନାମଯଜ୍ଞ

**ତୁଣ୍ଡଲା,୨୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ସିର୍ଜାପାଲି ପଞ୍ଚାୟତ ବାଡ଼ିପଡ଼ା ଗ୍ରାମରେ ସୋମବାର ସନ୍ଧ୍ୟାରେ କଳସ ଯାତ୍ରା କରି ମଙ୍ଗଳବାର ସମସ୍ତ ଦେବଦେବୀଙ୍କ ବିଗ୍ରହ ସ୍ଥାପନ କରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ମଧୁସୂଦନ ସାହୁ ଓ ମାଧବୀ ସାହୁ ରହିଥିଲେ। ବୁଧବାର ସକାଳ ୮ଟାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା।

# ଆଜି ଗଣତି, ଚାଲିଛି ଅଙ୍କକଷା

**ବରଗଡ଼ ଜିଲାରେ ପୌର ଭୋଟ୍**

- ବରଗଡ଼ ଓ ପଦ୍ମପୁରରେ କଡ଼ା ମୁକାବିଲା
- ବରପାଲିରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା
- ବିଜେପୁର ଉପରେ ସମସ୍ତଙ୍କ ନଜର

**ବରଗଡ଼ ଅଫିସ୍,୨୫।୩**

ପୌର ନିର୍ବାଚନ ପାଇଁ ମତଦାନ ସରିବା ପରେ ବରଗଡ଼ ଜିଲାରେ ପ୍ରାର୍ଥୀଙ୍କ ଜିତହାର୍ ପାଇଁ ଅଙ୍କକଷା ଆରମ୍ଭ ହୋଇଛି। ଶନିବାର ଭୋଟ୍ ଗଣତି ପରେ ପ୍ରାର୍ଥୀଙ୍କ ଭାଗ୍ୟଫଳ ସ୍ପଷ୍ଟ ହୋଇଯିବ। ଜିଲାର ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ବିଜେପୁର ଏବଂ ପଦ୍ମପୁର ଏନ୍‌ଏସିରେ ପୌର ନିର୍ବାଚନ ପାଇଁ ମତଦାନ ହୋଇଥିଲା। ସବୁଦଳ ବିଜୟ ପାଇଁ ଆଶାବାଦୀ ଅଛନ୍ତି। ତେବେ ପ୍ରାର୍ଥୀଙ୍କ ଜିତ୍‌ହାରରେ ବିଦ୍ରୋହୀ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ଚର୍ଚ୍ଚା ହେଉଛି। ଫଳରେ ଗଣତି ପୂର୍ବରୁ ଦଳୀୟ ନେତାମାନେ ତାକୁ ନେଇ ଜୟ, ପରାଜୟର ଆକଳନ ଆରମ୍ଭ କରି ଦେଇଛନ୍ତି।

ବରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ପଦବୀ ପାଇଁ ୧୦ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥିନୀ ବିଜେଡ଼ିରେ ମିଶିବା ପରେ ଅନ୍ୟ ୧୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ସେହିପରି ମ୍ୟୁନିସିପାଲିଟିର ୧୯ ୱାର୍ଡରେ ୬୮ଜଣ କାଉନସିଲରଙ୍କ ମଧ୍ୟରେ ଲଢ଼େଇ ଚାଲିଥିଲା। ଅନ୍ୟ ପୌରାଞ୍ଚଳ ଅପେକ୍ଷା ଏଠାରେ ଶାସକ ବିରୋଧୀ ମତଦାନ (ଆଣ୍ଟି ଇନକ୍ୟୁବେନ୍ସି) ଯଥେଷ୍ଟ ପରିଲକ୍ଷିତ ହୋଇଥିଲା। ତେବେ ମତଦାନ ହାର ଆଶାନୁରୂପ ହୋଇ ନ ଥିବାରୁ ତାହା ଶାସକ ଦଳକୁ ସୁହାଇବ ବୋଲି ଆଲୋଚନା ହେଉଛି। ଶନିବାର ସକାଳ ୮ଟାରୁ ଜର୍ଜ ହାଇସ୍କୁଲରେ ଭୋଟ୍ ଗଣତି ଆରମ୍ଭ ହେବ। ୧୦ଟି ଟେବୁଲରେ ଗଣତି ହେବାକୁ ଥିବାବେଳେ ୫ଟି ଟେବୁଲ ଅଧ୍ୟକ୍ଷା ଏବଂ ୫ଟି ଟେବୁଲ କାଉନସିଲର ପ୍ରାର୍ଥୀଙ୍କ ପାଇଁ ରହିଛି।

ବିଜେପୁରରେ ପ୍ରଥମଥର ପାଇଁ ଏନ୍‌ଏସି ନିର୍ବାଚନ ହେଉଥିବାରୁ ଫଳାଫଳକୁ ସମସ୍ତେ ଉତ୍କଣ୍ଠାର ଚାହିଁ ବସିଛନ୍ତି। ଏଠାରେ ମତଦାନ ହାର ଜିଲାର ସର୍ବାଧିକ ଅର୍ଥାତ୍ ୮୪.୭୧ ପ୍ରତିଶତ ରହିଛି। ଏହି ନିର୍ବାଚନରେ ବିଜେଡି ନିଜ ସପକ୍ଷରେ ଅଧିକ ମତଦାନ ଆସିଥିବା ନେଇ ଆକଳନ କରୁଛି। ଅନ୍ୟପଟେ ବିରୋଧୀ ଭାଜପା, କଂଗ୍ରେସ ମଧ୍ୟ ବିଜୟୀ ପାଇଁ ଆଶାବାଦୀ ଅଛନ୍ତି। ୧୧ୱାର୍ଡ ବିଶିଷ୍ଟ ଉକ୍ତ ଏନ୍‌ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୩ଜଣ ଏବଂ କାଉନସିଲର ପଦବୀ ପାଇଁ ୩୪ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଶନିବାର ବିଜେପୁର କଲେଜରେ ହେବାକୁ ଥିବା ଭୋଟ ଗଣତିରେ ଜିତହାର ଜଣାପଡ଼ିବ। ଏଠାରେ ୪ଟି ଟେବୁଲରେ ଭୋଟ୍ ଗଣତି ହେବ।

୧୧ୱାର୍ଡ ବିଶିଷ୍ଟ ବରପାଲି ଏନ୍‌ଏସିରେ ଏଥର ନିର୍ବାଚନ ଅଧିକ ଚର୍ଚ୍ଚିତ ହୋଇ ପଡ଼ିଛି। ଉକ୍ତ ଏନ୍‌ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୯ ଏବଂ କାଉନସିଲର ପଦବୀ ପାଇଁ ୩୭ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ତେବେ ଅଧ୍ୟକ୍ଷ ପଦବୀ ପାଇଁ ଶାସକ ବିଜେଡ଼ି ସହିତ ସ୍ୱାଧୀନ ପ୍ରାର୍ଥୀ ଦିନେଶ ଗହୀରଙ୍କ ସିଧାସଳଖ ଲଢ଼େଇ ହୋଇଥିବା ଆଲୋଚନା ହୋଇଛି। ଅନ୍ୟପଟେ କଂଗ୍ରେସ ଏବଂ ଭାଜପା ମଧ୍ୟ ପଛରେ ପଡ଼ିନାହାନ୍ତି। ସ୍ୱାଧୀନ ପ୍ରାର୍ଥୀ ଗହୀରଙ୍କ ସହିତ ବିଜେଡ଼ି ପ୍ରାର୍ଥୀ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଲଢ଼େଇର ଫାଇଦା ଭାଜପା ଓ କଂଗ୍ରେସ ଉଠାଇବେ ବୋଲି ଚର୍ଚ୍ଚା ଚାଲିଛି। ପଦ୍ମପୁର ଏନ୍‌ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୫ଜଣ ଏବଂ କାଉନସିଲର ପଦବୀ ପାଇଁ ୨୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଜଣେ ଭାଜପା ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ କଂଗ୍ରେସ ନାମାଙ୍କନ ଦାଖଲ କରି ନ ଥିବାରୁ ଗୋଟିଏ ଆସନ ବିଜେଡ଼ି ଖାତାକୁ ଯାଇ ସାରିଛି। ତେବେ ଅଧ୍ୟକ୍ଷ ସମେତ ବାକି ଆସନ ମଧ୍ୟ ଦଳ ସପକ୍ଷକୁ ଆସିବ ବୋଲି ବିଜେଡ଼ି ଆଶାବାଦୀ ରହିଛି। ଉଭୟ ବିଜେଡ଼ି ଓ ଭାଜପା ମଧ୍ୟରେ ଏଠାରେ କଡ଼ା ଟକ୍କର ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଶନିବାର ପଦ୍ମପୁର ଅଞ୍ଚଳ କଲେଜରେ ଭୋଟ୍ ଗଣତି ପରେ ଭୋଟରମାନେ କାହାକୁ ବାଛିଛନ୍ତି, ତାହା ସ୍ପଷ୍ଟ ହୋଇଯିବ।

## ବାଲି ଚୋରା ଚାଲାଣ: ୪୩ ହଜାର ଟଙ୍କା ଜରିମାନା



ବାଲି ଚାଲାଣବେଳେ ଧରାପଡ଼ିଥିବା ଡମ୍ଫର।

**କୁତ୍ରା, ୨୫।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅନ୍ତର୍ଗତ ବିହାବନ୍ଧଠାରେ ଶୁକ୍ରବାର କୁତ୍ରା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୩ଟି ଡମ୍ଫରରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଥିଲେ ମଧ୍ୟ ବାଲି ଚୋରା ଚାଲାଣ ରୋକାଯାଇପାରୁନି। ବାଲି ବ୍ୟବସାୟୀମାନେ ସୁଧୁରୁ ନାହାନ୍ତି। ତରକେରା, ଉଡ଼ରୁମା ଓ ସମଲେଇମୁଣ୍ଡାସ୍ଥିତ ଶଙ୍ଖ ନଦୀ ବାଲିପଠାରୁ ବ୍ୟବସାୟୀମାନେ ଚଞ୍ଚକତା କରି ବାଲି ଚୋରା ଚାଲାଣ କରି ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନି କରୁଛନ୍ତି। ଶୁକ୍ରବାର କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଏବଂ ତାଙ୍କ ଟିମ୍ ଭୋର ୫ଟାରୁ ବିହାବନ୍ଧରେ ଚଢାଉ କରିଥିଲେ। ୩ଟି ଡମ୍ଫର ତହସିଲଦାରଙ୍କ ହାବୁଡରେ ପଡିଥିଲା। ଏହି ୩ଟି ଡମ୍ଫରରୁ ମୋଟ ୪୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ଦେଇଛନ୍ତି ତହସିଲଦାର। ତେବେ ଆଗକୁ ବାଲି ବ୍ୟବସାୟୀଙ୍କ ବିରୋଧରେ ଫାଇନ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

## କମଳ ଲାକ୍ରା ସୁନ୍ଦରଗଡ଼ ଜିଲା ପରିଷଦ ଉପସଭାପତି

**ସୁନ୍ଦରଗଡ଼, ୨୫।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାପରିଷଦ ଉପସଭାପତି ଭାବେ କମଳ ଲାକ୍ରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ବିକାଶ ଭବନଠାରେ ଏହି ପଦବୀ ପାଇଁ ଅନୁଷ୍ଠିତ ନିର୍ବାଚନରେ ଗୁରୁଣ୍ଡିଆ ବ୍ଲକ 'ଖ' ଜୋନ୍‌ର ଜିଲାପରିଷଦ ସଭ୍ୟ କମଳ ଲାକ୍ରାଙ୍କ ନାମ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସୁପାରିଶ କରିବା ପରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଏକ ମୁଦା ଲଫାଫା ଧରି ପହଞ୍ଚିଥିଲେ। ଏହା ପରେ ଲାକ୍ରା ବିଜେଡିର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନ୍ୟ କୌଣସି ପ୍ରାର୍ଥୀ ଏହି ପଦ ସକାଶେ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ଫଳରେ ନିର୍ବାଚନ ଅଧିକାରୀ ଲାକ୍ରାଙ୍କୁ ଜିଲା ପରିଷଦର ନିର୍ବାଚିତ ଉପସଭାପତି ଭାବେ ଘୋଷଣା କରିଥିଲେ। ଏହି ସମୟରେ ଜିଲା ପର୍ଯ୍ୟବେକ୍ଷକ ଘଡେଇଙ୍କ ସମେତ ବିଜେଡି ଜିଲା ସଭାପତି ବିନୟ ଟପ୍ପୋ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନଙ୍କ ସମେତ ବିଜେଡିର ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଜିଲା ପରିଷଦ ଉପସଭାପତିଙ୍କ ସହ ସଭ୍ୟାସଭ୍ୟ।

## ଛାତ୍ରୀଛାତ୍ରଙ୍କୁ କ୍ୟାରିୟର କାଉନସେଲିଂ

**କୁତ୍ରା, ୨୫।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କ ପାଇଁ ଶୁକ୍ରବାର କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବରେ ଯୁକ୍ତ ଦୁଇ ପାସ କରିବା ପରେ ମାର୍କ ହିସାବରେ କଣ କରିବା ଉଚିତ, କଣ ପଡିବା ନ ପଢିବା ସେ ବିଷୟରେ ସଚେତନ କରାଯାଇଥିଲା। ମାର୍କ ସହିତ ଯେଉଁ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ ପଇସା ଅସୁବିଧା ହେଉଛି ସେମାନେ କଣ କରିବା ଉଚିତ ସେ ବିଷୟରେ ବୁଝାଇଥିଲେ। ଯେଉଁମାନଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ, ଏମ୍‌ବିଏ ସମ୍ଭବ ନୁହେଁ, ସେମାନେ କଣ ପଢିଲେ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ସେ ବିଷୟରେ ମଧ କହିଥିଲେ। କୁଆଁରମୁଣ୍ଡାସ୍ଥିତ ସାଇଁଭେଲି ଇନଷ୍ଟିଚ୍ୟୁଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିବିଏ, ବିସିଏ, ବିଏସସି ନର୍ସିଂ, ଏମ୍‌ବିଏ, ଡି.ଫାର୍ମ, ବିଏସସି ଏଗ୍ରିକଲଚର ପ୍ରମୁଖ କୋର୍ସ ବିଷୟରେ କମ ଟଙ୍କାରେ କେମିତି ପାଠ ପଢିପାରିବେ ସେ ବିଷୟରେ ବୁଝାଇଥିଲେ। ଏଥିରେ ଅନୁସୂଚିତ ଜନଜାତି ଓ ଜନଜାତି ଅନ୍ତର୍ଭୁକ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ ହଷ୍ଟେଲ ଓ ସ୍କୋଲାରସିପର ମଧ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଇଁଭେଲି ଇନଷ୍ଟିଚ୍ୟୁଟ ପକ୍ଷରୁ ଏ.ସି ପାତ୍ର, ଅଞ୍ଜୁ ଶର୍ମା, ଡାଲମିଆ ମହାବିଦ୍ୟାଳୟର ଅଧକ୍ଷା ଡ. ହିରନ ଲୁଗୁନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ବିଷୟରେ ବୁଝାଇବା ସହିତ ପ୍ରେରଣା ଦେଇଥିଲେ।



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ମୋହନ ଲୁହା ଜିଲା ପରିଷଦ ଉପାଧ୍ୟକ୍ଷ

**ବରଗଡ଼ ଅଫିସ୍,୨୫।୩**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଉପାଧ୍ୟକ୍ଷ ନିର୍ବାଚନ ହୋଇଥିଲା। ଏଥିରେ ବିଜେଡ଼ି ପ୍ରାର୍ଥୀ ମୋହନ ଲୁହା ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉକି, ଲୁହା ବରଗଡ଼ ବ୍ଲକ ଜୋନ-୩ରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଉପାଧ୍ୟକ୍ଷ ନିର୍ବାଚିତ ହେବା ପରେ ସେ ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି।

## ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

**ଲାଠୋର,୨୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଅନିୟମିତତାକୁ ନେଇ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥିବା ଏକ ଅଭିଯୋଗପତ୍ର ଗଣଶିକ୍ଷା ନିର୍ଦ୍ଦେଶକଙ୍କୁ ଶୁକ୍ରବାର ପ୍ରେରଣ କରାଯାଇଛି। ଏ ନେଇ ଅଭିଯୋଗକାରୀମାନେ ସୂଚନା ଦେଇଛନ୍ତି। ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ ବିଦ୍ୟାଳୟରେ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ହୋଇଥିବା ଅଡ଼ିଟ ଶିକ୍ଷାନୁଷ୍ଠାନରେ ଚାଲିଥିବା ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ବିଦ୍ୟାଳୟର ଅଧକ୍ଷ ଡ଼.ନାରାୟଣ ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସେ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ବିଦ୍ୟାଳୟକୁ ହୋଇଥିବା ନୋଟିସର ଉତ୍ତର ଉପର ମହଲକୁ ଦେଇ ସାରିଛି। ବ୍ୟକ୍ତିଗତ ଦାଉ ସାଧି ବିଦ୍ୟାଳୟରେ ରହିଥିବା ୧୯୬ ସିଟକୁ ହ୍ରାସ କରି ୯୨ କରାଯାଇ ଅଞ୍ଚଳର ନିରୀହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଛି। ତେବେ ବିଦ୍ୟାଳୟର ସ୍ୱାର୍ଥ ଦୃଷ୍ଟିରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ମହୁମାଛି ପାଳନ ନେଇ କୌଶଳ ବିକାଶ ତାଲିମ ଶିବିର

**ସୁନ୍ଦରଗଡ଼, ୨୫।୩ (ଡି.ଏନ୍.ଏ.)**

ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଜାତୀୟ ମହୁମାଛି ବୋର୍ଡର ଆନୁକୂଲ୍ୟରେ ମହୁମାଛି ପାଳନ ଶୀର୍ଷକ ୭ଦିନିଆଁ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷିବିଜ୍ଞାନ କେନ୍ଦ୍ର ପରିସରରେ ୧୫ ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତାଲିମ ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୭ଜଣ ଆଗ୍ରହୀ ଅଗ୍ରଣୀ ଚାଷୀ ଯୋଗଦେଇ ତାଲିମ ନେଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଓୟୁଏଟିର ପ୍ରାକ୍ତନ ପ୍ରଫେସର ଡ.ଚିତ୍ତରଞ୍ଜନ ଶତପଥୀ, ବରିଷ୍ଠ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ, କୋରାପୁଟର ମହୁଚାଷ ଉଦ୍ୟୋଗୀ ନିତାଇ ଚରଣ ଦଳାଇ, ଅନୁଭବି ମହୁଚାଷୀ ଶତ୍ରୁଘ୍ନ ମିଶ୍ର, ପ୍ରସନ୍ନ କୁମାର ପଟେଲ, ବିରଞ୍ଚି ନାଏକ ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ମହୁଚାଷର କୌଶଳ ବୁଝାଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିବା ସହିତ ଜିଲାରେ କିପରି ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ତାଲିମ କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ଥାନୀୟ ଗୁରାବସା ଓ କନ୍ଦାବାହାଲଠାରେ ହୋଇଥିବା ମହୁଚାଷ ପରିଦର୍ଶନ ପାଇଁ ନିଆଯାଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ ସାହୁ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମାନସିଂ ସୋରେନ୍, ଆଞ୍ଚଳିକ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ ସୂଚନା ଦେବା ସହ ମହୁଚାଷକୁ ଉଦ୍ୟୋଗ ଭାବେ କରିବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ସଫଳ ପରୀକ୍ଷାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ୍ ବାଗେ ଶିବିରକୁ ପରିଚାଳନା କରିଥିଲେ। ଅରୁଣ କୁମାର ମିଶ୍ର, କମଳଲୋଚନ ମହାନ୍ତି, ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଛାତ୍ରୀଙ୍କ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୨୫।୩(ଡି.ଏନ.ଏ.)**

ଗୋଲାମୁଣ୍ଡାସ୍ଥିତ ଯୁକ୍ତ ୨ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଅଧକ୍ଷ ଜୟନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଏଏସଆଇ ସୁଶ୍ରୀ ଶାନ୍ତି ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଭାବେ ଆତ୍ମ ସୁରକ୍ଷା ନେବା ପାଇଁ ପରାମର୍ଶ ଦେଇଥିଲେ। ଅଧାପକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ତାଲିମ ପାଇଥିବା କୌଶଳକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ।

## ବର୍ଷାରାଣୀ ଦେବଗଡ଼ ଜିଲା ପରିଷଦ ଉପସଭାପତି

**ଦେବଗଡ଼,୨୫।୩(ଡି.ଏନ୍.ଏ.)**

ଦେବଗଡ ଜିଲାର ଜିଲା ପରିଷଦ ଉପସଭାପତି ଭାବେ ବିଜୁ ଜନତାଦଳର ବାରକୋଟ ଜିଲା ପରିଷଦ ଜୋନ-୧ର ସଦସ୍ୟା ବର୍ଷାରାଣୀ ମୁଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦେବଗଡ଼ ଜିଲା ପରିଷଦ ଉପସଭାପତି ଆସନ ନିମନ୍ତେ ଶୁକ୍ରବାର ବିଜେଡି ଦଳର ସହମତି କ୍ରମେ ଶ୍ରୀମତୀ ମୁଣ୍ଡା ଏକମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ଦାଖଲ କରିବା ସହ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବିଜେଡି ପ୍ରାର୍ଥିନୀ ମୁଣ୍ଡା ଗତ ଜିଲା ପରିଷଦ ନିର୍ବାଚନରେ ବାରକୋଟ ଜିଲା ପରିଷଦ ଜୋନ-୧ରୁ ପ୍ରତିଦ୍ୱନ୍ଦ୍ୱିତା କରି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ଇନ୍ଦୁମତୀ ପ୍ରଧାନଙ୍କୁ ୫୮୬୨ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ଏହା ପୂର୍ବରୁ ସେ ବଳମ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ମଧ ନିର୍ବାଚିତ ହୋଇଥିଲେ। ଶୁକ୍ରବାର ଉପସଭାପତି ନିର୍ବାଚନରେ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନଙ୍କ ସମେତ ଜିଲା ପରିଷଦ ସଦସ୍ୟ ସଦସ୍ୟା ସମରେନ୍ଦ୍ର କୁମାର ଜିତ, ରାଜେଶ ମହାନାୟକ, ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି ଓ ବାସନ୍ତୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଦେବଗଡ ଜିଲାରେ ମୋଟ ୭ଟି ଜିଲା ପରିଷଦ ଅସନ ରହିଥିବା ବେଳେ ସମସ୍ତ ୭ଟି ଯାକ ଆସନରେ ବିଜେଡି ପ୍ରାର୍ଥୀ ପ୍ରାର୍ଥୀନୀ ବିଜୟୀ ହୋଇଥିଲେ।



ଦେବଗଡ଼ ଜିଲା ପରିଷଦ ଉପସଭାପତିଙ୍କ ସହ ସଭ୍ୟାସଭ୍ୟ।

## ଦୁର୍କାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ

**ଦୁର୍ଗମ ଗାଁରେ ପହଞ୍ଚିଲା ବ୍ଲକ ପ୍ରଶାସନ ଟିମ୍**

**ଲାଞ୍ଜିଗଡ,୨୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଅନେକ ଗାଁ ଆଜି ବି ମୌଳିକ ସୁବିଧା ଯଥା ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟଜଳରୁ ବଞ୍ଚିତ। ସେଥିମଧ୍ୟରୁ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ଦୁର୍କା ଗ୍ରାମ ଅନ୍ୟତମ। ସୂଚନାଯୋଗ୍ୟ ଯେ, ଏହି ଗାଁ ବ୍ଲକ ସଦରମହକୁମାରୁ ୩୫ କି.ମି. ଦୂର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୬ କି.ମି.। ଗାଁକୁ ରାସ୍ତା ନ ଥିବାରୁ ପିଡିଏସ ସାମଗ୍ରୀ ନେବା ପାଇଁ ମଧ ୧୦ କି.ମି. ପାହାଡ ଚଢି ଯିବାକୁ ପଡୁଥିଲା। କୌଣସି ସରକାରୀ ଅଧିକାରୀ ମଧ ସେ ଗାଁକୁ ଯାଇପାରୁ ନ ଥିଲେ। ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ବ୍ଲକଠାରୁ ଜିଲା ପର୍ଯ୍ୟନ୍ତ ଅଭିଯୋଗ ହେଉଥିଲା। ହେଲେ ନିଦାବିଷ୍ଟୁ ସାଜିଥିଲେ ପ୍ରଶାସନ। ଶୁକ୍ରବାର ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପାହାଡ ଚଢି ଚାଲି ଚାଲି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ ଗାଁର ଚିତ୍ର ଓ ଜନସାଧାରଣଙ୍କ ଆକୁଳ ନିବେଦନରେ ଲୋକଙ୍କୁ ଏହି ଗାଁକୁ ନିଶ୍ଚିତ ଭାବେ ରାସ୍ତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ପ୍ରତିଶ୍ରୁତି ପରେ ଲୋକଙ୍କ ମଧ୍ୟରେ ଏକ ନୂତନ ଆଶା ସଞ୍ଚାର ହୋଇଛି। ଅଧିବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ଆଜି ପୂରଣ ହୋଇଛି। ରାସ୍ତା ନିମାଣ ପାଇଁ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବିଡିଓଙ୍କ ସହ ବ୍ଲକ ପ୍ରଶାସନର ଏକ ଟିମ ମଧ ସେହି ଗାଁରେ ପହଞ୍ଚିଥିଲା। ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ମିଶ୍ର, କୁଟିଆକନ୍ଧ ଉନ୍ନୟନ ପ୍ରୋଜେକ୍ଟ ମ୍ୟାନେଜର ଲମ୍ବୋଧର ପ୍ରଧାନ, ସହକାରୀ ଯନ୍ତ୍ରୀ ରେଣୁକା ଠାକୁର, ଯନ୍ତ୍ରୀ ଗୋଲକ ବିହାରୀ ଭୋଇ, ଲାଞ୍ଜି ସରପଞ୍ଚ ଜମୁନା ମାଝି ପ୍ରମୁଖ ଗାଁ ଲୋକଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣର ଶୁଭ ଦିଆଯାଇଥିଲା। ଦୀର୍ଘ ବର୍ଷ ପରେ ଗାଁକୁ ରାସ୍ତା ହେବା କଥା ଶୁଣି ଗ୍ରାମବାସୀଙ୍କ ମଧରେ ଖୁସିର ମାହୋଲ ଦେଖାଦେଇଥିଲା। କେକେଡିଏ ପକ୍ଷରୁ ପାଞ୍ଚଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ବ୍ଲକ ପକ୍ଷରୁ ପାଞ୍ଚଲକ୍ଷ ଓ ପଞ୍ଚାୟତରୁ ମଧ ଦୁଇଲକ୍ଷ ଅର୍ଥ ମଞ୍ଜୁର କରାଯିବ ବୋଲି ବିଡିଓ ମିଶ୍ର ପ୍ରକାଶ କରିଛନ୍ତି। ଲାଞ୍ଜିଗଡ ବିଡିଓ ବ୍ଲକରେ ଯୋଗଦେବା ପରେ ପାହାଡ ଉପରେ ଥିବା ଦୁର୍ଗମ ଅଞ୍ଚଳବାସୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସମତଳ ଜାଗାରେ ଘର ନିର୍ମାଣ କରି ସମସ୍ତ ମୌଳିକ ସୁବିଧା ଯୋଗାଇ ଦେଉଛନ୍ତି। ବିଡିଓ ମିଶ୍ରଙ୍କ ବ୍ଲକର ଅପହଞ୍ଚ ଇଲାକାରେ ଥିବା ଗାଁଗୁଡିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗେଇ ଦେଇ ମୁଖ୍ୟ ସ୍ରୋତରେ ସାମିଲ କରୁଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ଦୁର୍କା ଗ୍ରାମବାସୀଙ୍କ ସହ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା।

## ବାଇକ୍ -ଟ୍ରକ ଧକ୍କା, ଦୁଇ ଆହତ

ଦେଓଗାଁ, (ଡି.ଏନ.ଏ.):ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଲେଜ ଛକ ନିକଟରେ ବାଇକ୍ ଓ ମଦ ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବାଇକ୍ ଚାଳକ ଓ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ଦେଓଗାଁ ବସଷ୍ଟାଣ୍ଡ ପଟୁ ଦେଓଗାଁ କଛାରପାଲିର ଅବଦୁତ ରଣା ବାଇକ୍‌ରେ ଯାଉଥିବା ବେଳେ ସୋନପୁରରୁ ସଇଁତଳା ଅଭିମୁଖେ ଯାଉଥିବା ଟ୍ରକ (ନଂ ଓଆର ୦୩ ଏ ୭୨୮୧) ସହ ଧକ୍କା ହୋଇଥିଲା । ବାଇକ୍ ଚାଳକଙ୍କୁ ବଞ୍ଚାଇବା ପାଇଁ ମଦ ବୋଝେଇ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଗାଡିରେ ଥିବା ମଦ ବୋତଲ ଭାଙ୍ଗି ଯିବାରୁ ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି ।

**ସଂକ୍ଷେପରେ**

## ଜିଲା ପରିଷଦ ଉପସଭାପତି ହେଲେ ଶଙ୍କର୍ଷଣ ପ୍ରଧାନ

ବୌଦ୍ଧ,୨୫।୩ (ସ୍ୱ.ପ୍ର): ବୌଦ୍ଧ ଜିଲା ତିନି ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଜିଲା ପରିଷଦ ଉପସଭାପତି ନିର୍ବାଚିତ ହୋଇଛନ୍ତି। ବୌଦ୍ଧ ଜିଲାରେ ସମୁଦାୟ ୯ଟି ଜିଲାପରିଷଦ ଜୋନ ଥିବାବେଳେ ଶାସକ ଦଳ ୭ଟି ଆସନ ପାଇଥିବାବେଳେ ଜିଲାରେ ପ୍ରମୁଖ ବିରୋଧି ଭାଜପା ୨ଟି ଆସନ ପାଇଥିଲା। ଉପସଭାପତି ପ୍ରଧାନ ପୂର୍ବରୁ କନ୍ଧମାଳ ବ୍ଲକ ଅଧ୍ୟକ୍ଷ ଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ସେ ବିଜେଡି ଦଳ ପକ୍ଷରୁ ୩ ଜୋନ ପାଇଁ ଜିଲାପରିଷଦ ସଭ୍ୟ ଭାବେ ଲଢିଥିଲେ। ପ୍ରଧାନ ୧୭୯୩୧ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାର ରମେଶ ପ୍ରସାଦ ମିଶ୍ର ୬୯୯୬ ଖଣ୍ଡ ଭୋଟ ପାଇଥିଲେ। ଏଥିରେ ପ୍ରଧାନ ୧୦୯୩୫ ଖଣ୍ଡ ଅଧିକା ଭୋଟ ପାଇ ବିଜୟୀ ହୋଇଛନ୍ତି। ଜିଲାରେ ସମସ୍ତ ଜିଲାପରିଷଦ ପ୍ରାର୍ଥୀଙ୍କ ଠାରୁ ଅଧିକ ଭୋଟ ବ୍ୟବଧାନରେ ପ୍ରଧାନ ବିଜୟୀ ହୋଇଥିଲେ।

## ବୌଦ୍ଧ, କନ୍ଧମାଳଠାରେ ହେବ ନିଯୁକ୍ତିମେଳା

ବୌଦ୍ଧ,୨୫।୩ (ସ୍ୱ.ପ୍ର): ବୌଦ୍ଧ ଜିଲାରେ ନିଯୁକ୍ତି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଆଭାସି ଜରିଆରେ ଉପଜିଲାପାଳ ସନତ କୁମାର ନାଏକଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲା ପ୍ରଶାସନ ଓ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୁଲ୍ୟରେ ହେବାକୁ ଥିବା ଏହି ନିଯୁକ୍ତି ମେଳା ଏପ୍ରିଲ ୬ ତାରିଖ ଟାଉନହଲ ବୌଦ୍ଧଠାରେ ଏବଂ ୭ ତାରିଖ ପଞ୍ଚାୟତ ମହାବିଦ୍ୟାଳୟ କନ୍ଧମାଳଠାରେ ସକାଳ ୧୦ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳାରେ ୫ମ ରୁ ୧୦ମ ଏବଂ ଯୁକ୍ତଦୁଇ, ଯୁକ୍ତତିନି, ଆଇଟିଆଇ ଓ ଡିପ୍ଲୋମା ପାସ୍ କରିଥିବା ବେକାର ଯୁବକ ଯୁବତୀ (୧୮ରୁ ୩୫ ବର୍ଷ)ଙ୍କୁ କର୍ମନିଯୁକ୍ତିର ସୁଯୋଗ ଦିଆଯିବ। ଆଶାୟୀ ପ୍ରାର୍ଥୀମାନେ ନିଜର ଆଧାରକାର୍ଡ ନକଲ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନକଲ, ପାସପୋର୍ଟ ଫଟୋ ସହିତ ନିଯୁକ୍ତିମେଳାକୁ ଆସିବାକୁ ଜିଲା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ ନିବେଦନ କରିଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ସରଣ୍ଡା,୨୫।୩(ଡି.ଏନ.ଏ): ବରିଷ୍ଠ ଓକିଲ ତଥା ଅତାବିରା ଓକିଲ ସଂଘର ପୂର୍ବତନ ସଭାପତି ରାକେଶ ପାଢ଼ୀଙ୍କ ଗୁରୁବାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଶୁକ୍ରବାର ତାଙ୍କ ପାର୍ଥିବ ଶରୀର ଅତାବିରା ବାସଭବନରେ ପହଞ୍ଚିବା ପରେ ଓକିଲ ସଂଘ ସମେତ ବିଭିନ୍ନ ସଂଘର କର୍ମକର୍ତ୍ତା ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ମାନସ ମୁଖାଗ୍ନି ଦେଇଥିଲେ। ଅତାବିରା ଗ୍ରାମ୍ୟ ନ୍ୟାୟାଳୟ ଅଧିକାରୀ ଅମୀୟ କୁମାରଙ୍କ ସଭାପତିତ୍ୱରେ ସ୍ଥାନୀୟ କୋର୍ଟ ପରିସର ଏବଂ ଅପରାହ୍ନରେ ଓକିଲ ସଂଘ ସଭାପତି ଉନି ନାୟାରଙ୍କ ସଭାପତିତ୍ୱରେ ଓକିଲ ସଂଘ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତିର ଗନ୍ଧ

- କାର୍ଯ୍ୟାଦେଶ ପାଇବା ୫ ବର୍ଷ ବିତିଲାଣି, ଏଯାଏ ମିଳିନି ୩ୟ କିସ୍ତି
- ବ୍ଲକକୁ ଦୌଡ଼ି ଦୌଡ଼ି ହିତାଧିକାରୀ ହତାଶ

ବିନିକା,୨୫।୩(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଅର୍ଥରାଶି ପ୍ରଦାନରେ ଅଯଥା ଟାଳଟୁଳ ନୀତି ଅବଲମ୍ବନ କରାଯିବା ସହ ପକ୍ଷପାତିତା କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଗରିବ ଲୋକେ କୋଠା ଘରେ ରହିବା ସ୍ୱପ୍ନ ସାକାର ହେବାକୁ ବର୍ଷ ବର୍ଷ ଅପେକ୍ଷା କରିବା ସାର ହେଉଛି । ଏହାର ଉଦାହରଣ ଭାବେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗାଁର ନରେଶ ମହାନନ୍ଦଙ୍କୁ ନିଆଯାଇ ପାରେ । ସେ ଏହି ଯୋଜନାରେ କାର୍ଯ୍ୟାଦେଶ ପାଇବାର ୫ ବର୍ଷ ବିତିଥିଲେ ହେଁ ତାଙ୍କୁ ଗୃହ ନିର୍ମାଣ ବାବଦ ୩ୟ କିସ୍ତି ଏଯାବତ୍ ମିଳିନାହିଁ । ଫଳରେ ନିଜର ୫ ପ୍ରାଣୀ କୁଟୁମ୍ବ ସହ ସେ ଝାଟିମାଟି ଘରେ ଦୁର୍ବିସହ ଜୀବନ ବିତାଉଛନ୍ତି । ଯଥାଶୀଘ୍ର କିସ୍ତି ଟଙ୍କା ନ ମିଳିଲେ ପରିବାର ସହ ସୋନପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବାବୁପାଲି ଗାଁର ନରେଶଙ୍କୁ


ଅଧାପନ୍ତରିଆ ଘର ଆଗରେ ସ୍ତ୍ରୀ ଓ ସାନଝିଅ ସହିତ ନରେଶ ।

୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ (ସଂଖ୍ୟା-୫୫/୧୭୧) ମିଳିଥିଲା । ଫଳରେ ସେ ନିଜ ପୁରୁଣା ଝାଟିମାଟି ଘର ଭାଙ୍ଗି ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଗୃହ ନିର୍ମାଣ ପୂର୍ବରୁ ଆବଶ୍ୟକ ସମସ୍ତ କାଗଜପତ୍ର ବ୍ଲକ କାର୍ଯ୍ୟାଳୟଠାରେ ଦାଖଲ କରିଥିଲେ । ଗତ ୪ ବର୍ଷ ହେବ ଛାତସ୍ତର ଯାଏ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ନରେଶଙ୍କ ପାସବୁକରେ ଆବାସ ଯୋଜନା ବାବଦରେ କେବଳ ଦୁଇଟି କିସ୍ତି ଜମା ହୋଇଛି । ଦୁଇଟି କିସ୍ତିରେ ଯଥାକ୍ରମେ ୨୦ହଜାର ଓ ୩୫ ହଜାର ଟଙ୍କା ପାଇଛନ୍ତି । ତେବେ ନରେଶଙ୍କ ପ୍ରଥମ କିସ୍ତି ବାବଦ ୨୦ହଜାର ଟଙ୍କା ବ୍ଲକର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ବାବୁପାଲି ଗ୍ରାପ ଦେଣ୍ଡୁପଦର ଗାଁର ସୁରେଶ ମହାନନ୍ଦ ନାମକ ଜଣେ ଆବାସ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଗଲା । ଉଭୟ ନରେଶ ଓ ସୁରେଶ ୨୦୧୭-୧୮ ଆର୍ଥିକ ବର୍ଷରେ ଆବାସ ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ । ନରେଶ ତାଙ୍କ ପ୍ରଥମ କିସ୍ତି ଟଙ୍କା ଅନ୍ୟ ହିତାଧିକାରୀଙ୍କ ଜମାଖାତାକୁ ଚାଲି ଯାଇଥିବା ଜାଣିବା ପରେ ବ୍ଲକକୁ ଯାଇ ଅଭିଯୋଗ କରିଥିଲେ । ପରେ ତଥ୍ୟ ସଂଶୋଧନ କରାଯାଇ ନରେଶଙ୍କ ଖାତାରେ ପ୍ରଥମ କିସ୍ତି ଓ ଦ୍ୱିତୀୟ କିସ୍ତି ଅର୍ଥରାଶି ଜମା କରାଗଲା । ମାତ୍ର ବିଡମ୍ବନାର ବିଷୟ ଏହାମଧ୍ୟରେ ତାଙ୍କର ଘର ଛାତ ପର୍ଯ୍ୟନ୍ତ ନିର୍ମାଣ ସରିଥିଲେ ହେଁ ତୃତୀୟ କିସ୍ତିରେ ପାଇବାକୁ ଥିବା ୪୫ହଜାର ଟଙ୍କା ତାଙ୍କୁ ମିଳିପାରିନାହିଁ । ଏବେ ନରେଶ ସ୍ତ୍ରୀ , ପୁଅ ଏବଂ ଦୁଇଝିଅଙ୍କ ସହ ଝାଟିମାଟି ଘରେ ରହୁଛନ୍ତି । ଗତ ତା ୮।୧୦।୨୧ ରିଖରେ ସେ ବିନିକା ବିଡିଓଙ୍କୁ ଭେଟି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ । ପରେ ତା୬।୧୨।୨୧ ରିଖରେ ସୋନପୁର ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଇ ଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଅପରପକ୍ଷରେ ଦେଣ୍ଡୁପଦର ଗ୍ରାମର ସୁରେଶ ମହାନନ୍ଦ ୩ବର୍ଷ ହେଲାଣି ଆବାସ ଯୋଜନାର ସମସ୍ତ କିସ୍ତି ରାଶି ପାଇ ଗୃହନିର୍ମାଣ ସାରି ସେଠାରେ ରହୁଛନ୍ତି । ଏନେଇ ନରେଶ ଓ ତାଙ୍କ ସ୍ତ୍ରୀ ଦେବକୀ କୁହନ୍ତି, ଆବାସ ଯୋଜନା ଅର୍ଥରାଶି ପ୍ରଦାନ କ୍ଷେତ୍ରରେ ପକ୍ଷପାତ ଓ ଅନିୟମିତତା ହେଉଛି । ଫଳରେ ୩ୟ କିସ୍ତି ଅର୍ଥରାଶି ପାଇଁ ଚାହି ଚାହିଁ ଦିନ ବିତୁଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୱେବ୍‌ସାଇଟରେ ନରେଶ ମହାନନ୍ଦଙ୍କ ନାମରେ ପଞ୍ଜିକୃତ ହୋଇଥିବା ଆଇଡି ,ଡିଆର୍-୩୯୫୦୮୯୦କୁ ଦେଖିଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଏହି ଦମ୍ପତି କହିଛନ୍ତି ।

## ମିଥିଳା ମାଝି ବଲାଙ୍ଗୀର ଜିଲା ପରିଷଦ ଉପସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବଲାଙ୍ଗୀର ଅଫିସ,୨୫।୩

ବଲାଙ୍ଗୀର ଜିଲା ମୁରିବାହାଲ ଜୋନ୍ ୨୭ର ଜିଲା ପରିଷଦ ସଦସ୍ୟା ମିଥିଳା ମାଝି ଶୁକ୍ରବାର ଅନୁଷ୍ଠିତ ଜିଲା ପରିଷଦ ଉପାଧ୍ୟକ୍ଷା ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ମିଥିଳା ମନୋନୟନ ପତ୍ର ଦାଖଲ କରିଥିଲେ। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ମିଥିଳାଙ୍କୁ ଉପାଧ୍ୟକ୍ଷା ନିର୍ବାଚିତ ଘୋଷଣା ପରେ ସେଠାରେ ଉପସ୍ଥିତ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁଙ୍କ ସମେତ ସମସ୍ତ ଜିଲା ପରିଷଦ ସଦସ୍ୟା ସଦସ୍ୟ ନବନିର୍ବାଚିତ ଉପାଧ୍ୟକ୍ଷା ମାଝିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମସ୍ତ ୩୪ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ମିଳନୀ କକ୍ଷରେ ପାଟଣାଗଡ ବିଧାୟକ ସରୋଜ ମେହେର, ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ଜିଲା ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ଶତପଥୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ସୋନପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ସୋନପୁର,୨୫।୩(ନି.ପ୍ର.)

ଦେଶରେ କିଛି ଦିନ ହେବ ତୈଳ ଦର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି । ଏହା ଜନସାଧାରଣଙ୍କୁ ଖୁବ୍ ବାଧୁଛି । ତେଣୁ ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ସୁବର୍ଣ୍ଣପୁର ଜିଲା ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ ଶୁକ୍ରବାର ସୋନପୁର ସହର ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦୃଢ ପ୍ରତିବାଦ କରାଯାଇଛି। ସେହିପରି ବିଦ୍ୟୁତ୍ ବିଲ୍ ୨୦୨୨କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାନେତ୍ରୀ ଜ୍ୟୋତିର୍ମୟୀ ରଥ, ସମ୍ପାଦିକା ନୁର ବେଗମ, ନୁର ବିବି, ଗୋବିନ୍ଦ ମହାରଣା, ବୈଜୟନ୍ତୀ ମହାରଣା, ଦିଲିପ ନାଏକ, ରମେଶ ମୁଣ୍ଡା ଓ କୁନି ମୁଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଝସକେତନ ବଘାର ଜିଲା ପରିଷଦ ଉପସଭାପତି

ସୋନପୁର,୨୫।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପରିଷଦ ଉପସଭାପତି ଭାବେ ଝସକେତନ ବଘାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବଘାର ଏକମାତ୍ର ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ପରେ ଓଡିଶା ଜିଲା ପରିଷଦ ନିର୍ବାଚନ ନିୟମ ୧୯୯୪ ଅନୁଯାୟୀ ପ୍ରାଧିକୃତ ନିର୍ବାଚନ ଅଧିକାରୀ ତଥା ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବଘାରଙ୍କୁ ବିଜୟୀ ଘୋଷଣା କରିଥିଲେ। ପରେ ଜିଲାପାଳ ଅବୋଲି ସୁନିଲ ନରୱଣେ ନୂତନ ଜିଲା ପରିଷଦ ଉପସଭାପତି ଝସକେତନଙ୍କୁ ଜିଲା ପ୍ରଶାସନ ତରଫରୁ ଶୁଭେଚ୍ଛା ଜଣାଇବା ସହିତ ଶପଥପାଠ କରାଇଥିଲେ। ଏହି ଅବସରରେ ଜିଲା ପରିଷଦ ଉପସଭାପତି ସୁପାର ଠେଲାଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟା ସଭ୍ୟ,ବିଜେଡିର ଏଜେଣ୍ଟ ତଥା ଜିଲା ସଭାପତି ସରୋଜ କମ୍ପ ଉପସ୍ଥିତ ଥିଲେ। ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକକୁ ଜିଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ନନ୍ଦ ସଂଯୋଜନା କରିଥିଲେ। ନିର୍ବାଚନ ସମୟରେ ସୋନପୁର ତହସିଲଦାର ନବୀନ କିଶୋର ପାଢ଼ୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ନବନିର୍ବାଚିତ ଜିଲା ପରିଷଦ ଉପସଭାପତି ବଘାର ଜିଲାର ୨ ନମ୍ବର ଜୋନରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଏବେ ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ଅଛନ୍ତି । ପୂର୍ବରୁ ଉଲୁଣ୍ଡା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ଝସକେତନଙ୍କ ପତ୍ନୀ ତଥା ମହିଳା ବିଜୁ ଜନତା ଦଳର ଜିଲା ସଭାନେତ୍ରୀ ପଦ୍ମିନୀ ବଘାର ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲା ପରିଷଦ ଉପସଭାନେତ୍ରୀ ଥିଲେ । ୫ ବର୍ଷ ପରେ ଝସକେତନ ଏବେ ସ୍ତ୍ରୀ ପଦ୍ମିନୀଙ୍କ ସ୍ଥାନରେ ବସିବାକୁ ସୌଭାଗ୍ୟ ପାଇଛନ୍ତି ।

## ବଡମାଲ ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ଏଫଏଲଏନ, ଟିଏଲଏମ ପ୍ରଦର୍ଶନୀ


ବଡମାଲ ସ୍କୁଲରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।

ଅମରପାଲି,୨୫।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ କ୍ଲଷ୍ଟରର ବଡମାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିନ କ୍ଲଷ୍ଟରସ୍ତରୀୟ ଏଫଏଲଏନ ଏବଂ ଟିଏଲଏମ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଏବିଡିଓ ଡା.ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର,ଏବିଇଓ ଚମ୍ପେଶ୍ୱର ଦାଶ ଓ ଲକ୍ଷ୍ମଣ ରଥ, ଲୁଡୁରପଙ୍କ କ୍ଲଷ୍ଟରର ସିଆରସିସି ପ୍ରବୀର କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଲାଙ୍କ ମାନସିକ, ଭାଷାଜ୍ଞାନ ଓ ବୌଦ୍ଧିକ ଜ୍ଞାନ ବୃଦ୍ଧି ପାଇଁ ଆବଶ୍ୟକୀୟ ଶିକ୍ଷଣୀୟ ଉପକରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ମୁକେଶ ମେହେର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଜୁନ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଶିକ୍ଷକ ଶଙ୍କର୍ଷଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଭ୍ରାମ୍ୟମାଣ ମେଡ଼ିକେୟାର ୟୁନିଟ୍‌ର ଶୁଭାରମ୍ଭ

ବଲାଙ୍ଗୀର ଅଫିସ, ୨୫।୩

ବଲାଙ୍ଗୀର ଜିଲା ଗ୍ରାମାଞ୍ଚଳର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଏକ ଭ୍ରାମ୍ୟମାଣ ମେଡିକେୟାର ୟୁନିଟ୍‌କୁ ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରଯୋଜନାରେ ଆରମ୍ଭ ହୋଇଥିବା ଏହି ଭ୍ରାମ୍ୟମାଣ ମେଡିକେୟାର ୟୁନିଟ୍‌କୁ ନଅଗାଁସ୍ଥିତ ପଲ୍ଲୀ ଆଲୋକ ପାଠାଗାର ପରିଚାଳନା କରୁଛନ୍ତି। ଏହି ୟୁନିଟ୍ ଶୁଭାରମ୍ଭ ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ନିତିନ୍ କୁଶଲକର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ପଲ୍ଲୀ ଆଲୋକ ପାଠାଗାରର ପ୍ରଶାନ୍ତ ନାୟକ,



ଜିଲାପାଳ ଚଞ୍ଚଳ ରାଣା ମେଡିକେୟାର ୟୁନିଟ୍‌ର ଶୁଭାରମ୍ଭ କରୁଛନ୍ତି।

ବରିଷ୍ଠ ନାଗରିକ ବ୍ରଜମୋହନ ମିଶ୍ର, ଶିବ ବହିଦାରଙ୍କ ସମେତ ଜିଲାର ବିଭିନ୍ନ ଗାଁରୁ ଆସିଥିବା ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଆଗକୁ ଗ୍ରୀଷ୍ମଦିନ ଆସୁଥିବାରୁ ଅଂଶୁଘାତ ଭୟ ଓ ଆଶଙ୍କା ଥିବାରୁ ଜିଲାର ବିଭିନ୍ନ ଗାଁକୁ ଯାଇ ଏହି ୟୁନିଟ୍ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟ କରିବ ବୋଲି ଜିଲାପାଳ ରାଣା କହିଥିଲେ। ଏସ୍‌ପି କୁଶଲକର ମଧ୍ୟ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଜିଲାପାଳ ରାଣା ବରିଷ୍ଠ ନାଗରିକଙ୍କୁ ଟି-ଶାର୍ଟ ଓ ଛତା ବଣ୍ଟନ କରିଥିଲେ। ଏହାପରେ ସମସ୍ତ ବରିଷ୍ଠ ନାଗରିକ ଏକ ରାଲିରେ କଚେରୀ ଛକରୁ କୋଶଳ କଳାମଣ୍ଡଳ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସାହୁ ଓ ପଲ୍ଲୀ ଆଲୋକ ପାଠାଗାରର ନାୟକ ପରିଚାଳନା କରିଥିଲେ।

## ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସ୍ୱାମୀ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ

ବୌଦ୍ଧ, ୨୫।୩ (ସ୍ୱ.ପ୍ର.)

ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସ୍ୱାମୀ ଶୁକ୍ରବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୌଦ୍ଧ ଜିଲା ଦମାଗୋରା ଗ୍ରାମର ଶେଷ ମଲିକ ଆମ୍ଭଝରୀ ପଞ୍ଚାୟତର ନୂଆଗାଁର ରବୀନ୍ଦ୍ର କହଁରଙ୍କ ଝିଅ ରୀନା କହଁରଙ୍କୁ ଗତ ଜାନୁୟାରୀ ମାସ ୫ ତାରିଖରେ ବିବାହ କରିଥିଲେ। କୁଆଡେ ଏହି ବିବାହରେ ରୀନାର ବାପ ଘର ଲୋକେ ରାଜି ନ ଥିବା ଅଭିଯୋଗରୁ ଜଣାପଡିଛି। ଗତ ଗୁରୁବାର ସକାଳୁ ରୀନା ମହୁଲ ଫୁଲ ଗୋଟାଇବାକୁ ଯାଇଥିବାବେଳେ ସେ ଘରକୁ ନ ଫେରିବାରୁ ସ୍ୱାମୀ ଖୋଜାଖୋଜି କରିଥିଲେ। ମାତ୍ର ପାଇ ନ ଥିଲେ। ଏକ ବୋଲେରେ ଗାଡି ଓ



ମୋଟର ସାଇକେଲରେ ୧୦ରୁ ୧୨ ଜଣ ଲୋକ ଆସି ଉଠାଇ ନେଇଥିବା ନେଇ ଶେଷ ତାଙ୍କ ଭାଉଜଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଶୁଣିବାକୁ ପାଇଥିଲେ ଯେ ତାଙ୍କ ଶ୍ୱଶୁର ଘର ଲୋକେ ଆସି ଉଠାଇ ନେଇଯାଇଛନ୍ତି। ଏନେଇ ଶୁକ୍ରବାର ସ୍ୱାମୀ ଶେଷ ମଲିକ ସ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ଓ ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

# ଗୁଣନିଧିଙ୍କ ପାଠପଢ଼ାରେ ଅର୍ଥ ସାଜିଛି ବାଧକ

- ଦୁର୍ଘଟଣାରେ ହରାଇଛନ୍ତି ଗୋଟିଏ ଗୋଡ଼
- ପାଠପଢ଼ା ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ଦାବି

ଲୋଇସିଂହା,୨୫।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଦୁମଦୁମି ଗ୍ରାମର ଗୁଣନିଧି ମଲ୍ଲିକ(୨୧) ଏକ ସଡକ ଦୁର୍ଘଟଣାରେ ନିଜ ଡାହାଣ ଗୋଡ ହରାଇଛନ୍ତି । ଚିକିତ୍ସା ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଯିବାରୁ ଏବେ ତାଙ୍କ ପାଠପଢା ପାଇଁ ଅର୍ଥ ସାଜିଛି ବାଧକ । ଗୁଣନିଧି ହେଉଛନ୍ତି କୁଟେନପାଲି ପଞ୍ଚାୟତ ଅନ୍ତର୍ଗତ ଦୁମଦୁମି ଗ୍ରାମର ସମାରୁ ମଲ୍ଲିକ ଓ ସୁରୁବାଲାଙ୍କ ସାତୋଟି ସନ୍ତାନ ମଧ୍ୟରୁ ଏକମାତ୍ର ପୁଅ। ସେ ୨୦୧୭ରେ ମାଟ୍ରିକ ପାସ କରିଛନ୍ତି । ଏବେ ବଲାଙ୍ଗୀର ସଦାଇପାଲିରେ ଥିବା ସାଇଟ୍ କଲେଜରେ ଇଲେକ୍ଟ୍ରିକାଲରେ ଡିପ୍ଲୋମା ୩ୟ ବର୍ଷ ଛାତ୍ର । ହେଲେ ଗତ ଜାନୁୟାରୀ ମାସରେ ୩ ଜଣ ସାଙ୍ଗ ଏକ ବାଇକ୍‌ରେ ଲୋଇସିଂହାକୁ ଆସୁଥିବା ବେଳେ ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ହନୁମାନ ଛକରେ ଏକ ଟ୍ରକ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଜଣେ ସାମାନ୍ୟ ଆହତ ହୋଇଥିବା ବେଳେ ଗୁଣନିଧି ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଗୁଣନିଧିଙ୍କୁ


ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇଥିବା ଦୁମଦୁମି ଗ୍ରାମର ଗୁଣନିଧି ।

ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲରେ ୧୦ ଦିନ ଧରି ଚିକିତ୍ସା କରାଯାଇଥିଲା। ସେଠାକାର ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ଡାହାଣ ଗୋଡକୁ କାଟିବାକୁ କହିଥିଲେ । ଜଂଘରୁ ତାଙ୍କ ଗୋଡକୁ କଟାଯାଇଛି । ସବୁଦିନ ପାଇଁ ଡାହାଣ ଗୋଡକୁ ହରାଇ ଭୁବନେଶ୍ୱରରେ ଗୋଟିଏ ମାସ ଧରି ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଚିକିତ୍ସାରେ ପାଖାପାଖି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଅଭାବୀ ପରିବାର ହୋଇଥିବାରୁ ଉକ୍ତ ଟଙ୍କା ଧାର ଉଧାର କରି ଚିକିତ୍ସାରେ ଖର୍ଚ୍ଚ କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି । ଦୁର୍ଘଟଣାରେ ଏକମାତ୍ର ପୁଅ ଗୋଡ ହରାଇବା ଓ ତା ପଠପଢାରେ ଡୋରି ବନ୍ଧା ହେବାକୁ ଯାଉଥିବା ନେଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଗୁଣନିଧିଙ୍କୁ ଏକ ଆଶା ବାଡି, ଆର୍ଥିକ ସହାୟତା ଯୋଗାଇ ଦେବା ସହ ଡିପ୍ଲୋମା ପାଠ ପଢା ଖର୍ଚ୍ଚ ବହନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ମାନସିକତାରେ ପରିବର୍ତ୍ତନ ଉପରେ ଗୁରୁତ୍ୱ

**କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା ତାଲିମ**

ବୌଦ୍ଧ,୨୫।୩ (ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ନିରାକରଣ ଆଇନ ୨୦୧୩) ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଜିଲାପାଳ ମିଶ୍ର କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଘଟଣାର ଆଇନଗତ ଓ ସାମାଜିକ ଦିଗ ଉପରେ ଆଲୋଚନା କରିବା ସହିତ ନିଜ ମାନସିକତାରେ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୈଠକରେ ଉପସ୍ଥିତ ଅଧିକାରୀ।

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଦିଗରେ ଜିଲାପାଳ ମିଶ୍ର ମତପ୍ରକାଶ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଆକ୍ସନ ଏଡର ରାଜ୍ୟ ସଂଯୋଜକ ସାଧନକର୍ମୀ ଭାବରେ ଯୋଗଦେଇ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସାଧନକର୍ମୀ ଭାବରେ ଆଇନଜୀବୀ ଅଙ୍କିତା ଶତପଥୀ ଯୋଗଦେଇ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଘାସିରାମ ପଣ୍ଡା ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତଙ୍କୁ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ସନତ କୁମାର ନାଏକ, ଡେପୁଟି କଲେକ୍ଟର ଝରଣା ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିକେଆସି ହେମ୍ବ୍ରମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତ ବଳିୟାରସିଂହ ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା, ବାଲ୍ୟବିବାହ ନିଷେଧ ପରାମର୍ଶଦାତ୍ରି ପ୍ରବିଜ୍ଞା ଦାଶ, ସମସ୍ତ ବ୍ଲକର ସିଡିପିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଳାହାଣ୍ଡି ଜିଲା ପୌର ନିର୍ବାଚନ: ଆଜି ଭୋଟ ଗଣତି

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲାରେ ଗୁରୁବାର ଶାନ୍ତିଶୃଙ୍ଖଳା ସହ ପୌର ନିର୍ବାଚନ ପାଇଁ ମତଦାନ ଶେଷ ହୋଇଥିଲା। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ, କେସିଙ୍ଗା ୩ଟି ଏନ୍ଏସିରେ ୧୯୦ଜଣ କାଉନସିଲର ପ୍ରାର୍ଥୀ ଓ ୧୯ଜଣ ଅଧ୍ୟକ୍ଷ/ଅଧ୍ୟକ୍ଷା ପ୍ରାର୍ଥୀ ସମୁଦାୟ ୨୦୯ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ ହୋଇଛି। ଶନିବାର ଭୋଟ ଗଣତି ପରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ଏଥିପାଇଁ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ସକାଳ ୮ଟାରୁ ଭୋଟ ଗଣତି କାର୍ଯ୍ୟକ୍ରମ ଚାଲିବ। ଏହାକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ପୋଲିସକୁ ମାଡ଼ ଘଟଣା: ଆଉ ଜଣେ ଗିରଫ



**ବରଗଡ଼ ଅଫିସ୍,୨୫।୩:** ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି କଲେଜ ସମ୍ମୁଖରେ ଗତ କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ପରେ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ମାଡ଼ ମାମଲାରେ ଶୁକ୍ରବାର ପୋଲିସ ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗାଇସିଲେଟ ଥାନା ବଡ଼ ଡୁଙ୍ଗୁରିପାଲି ଗ୍ରାମର ବିପିନ ସାହୁ(୫୬)। ଏହାପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୫୭/୨୨) ରୁଜୁ ହୋଇଛି।

### ପର୍ଯ୍ୟଟନସ୍ଥଳୀ ଭୀମ ପାହାଡରେ ବୋଟିଂର ଶୁଭାରମ୍ଭ

**ଦେଓଗାଁ,୨୫।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମ ପାହାଡରେ ଶୁକ୍ରବାର ନୂତନ ଭାବେ ଆରମ୍ଭ କରାଯାଇଥିବା ବୋଟିଂ ସୁବିଧାର ଶୁଭାରମ୍ଭ କରାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଭୀମ ପାହାଡକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଏହି ପରିପେକ୍ଷୀରେ ବର୍ତ୍ତମାନ ଏହାର ଆହୁରି ବିକାଶମୂଳକ କାମ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୩ କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସିଂଦେଓ ଯୋଗଦେଇ ଦେଓଗାଁ ବ୍ଲକରେ ପର୍ଯ୍ୟଟନର ବିକାଶ ସହ ଜଳସେଚନର ସୁବିଧା ପାଇଁ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ତଥା ଅନ୍ୟାନ୍ୟ ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର ସାହୁ, ବରିଷ୍ଠ ନେତା ପ୍ରମୋଦ କୁମାର ବହିଦାର, ସ୍ଥାନୀୟ ସମିତି ସଭ୍ୟ ଅଭିମନ୍ୟୁ ମାଝୀ ତଥା ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଷୋହଳ ପ୍ରହର ନାମଯଜ୍ଞ

**ତୁଣ୍ଡଲା,୨୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ସିର୍ଜାପାଲି ପଞ୍ଚାୟତ ବାଡ଼ିପଡ଼ା ଗ୍ରାମରେ ସୋମବାର ସନ୍ଧ୍ୟାରେ କଳସ ଯାତ୍ରା କରି ମଙ୍ଗଳବାର ସମସ୍ତ ଦେବଦେବୀଙ୍କ ବିଗ୍ରହ ସ୍ଥାପନ କରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ମଧୁସୂଦନ ସାହୁ ଓ ମାଧବୀ ସାହୁ ରହିଥିଲେ। ବୁଧବାର ସକାଳ ୮ଟାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମର ଚୂଡ଼ାମଣି ସାହୁ ଓ ଭଗବତୀ ସାହୁ ଯଜ୍ଞ କର୍ତ୍ତା ଭାବେ ରହିଥିବା ବେଳେ ପୂଜକ ଭାବେ ପ୍ରମୋଦ କୁମାର ଦାଶ, ଜପକ ପଦ୍ମନାଭ ଦାଶ, ଅକ୍ଷୟ କୁମାର ମହାପାତ୍ର, ପାଠକ ହେମନ୍ତ କୁମାର ଦାଶ, ଅନିଲ କୁମାର ଦାଶ ପ୍ରମୁଖ ରହି ଯଜ୍ଞ କାର୍ଯ୍ୟ ତୁଲାଇଥିଲେ।

### ଜନସମ୍ପର୍କ ଶିବିର

**ଗୋଲାମୁଣ୍ଡା,୨୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେଗାଁ ଥାନା ସିନ୍ଧିଭା ଓ ସାନଚେରଗାଁଠାରେ କେଗାଁସ୍ଥିତ ସିଆର୍‌ପିଏଫ୍ ୬୪ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଆର୍‌ପିଏଫ୍ ୬୪ ବାଟାଲିୟନ କ୍ଷେତ୍ର ଅଧିକାରୀ ବିପ୍ଳବ ସରକାର ଯୋଗଦେଇ ୮୫ଜଣ ଲୋକଙ୍କୁ ସୋଲାର ଲାଇଟ ବଣ୍ଟନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଯୁଗଳ କିଶୋର ମହାପାତ୍ର ଉପସ୍ଥିତ ଥିଲେ। ଲୋକମାନଙ୍କୁ ସୋଲାର ଲାଇଟ ବିଶେଷ ଫଳପ୍ରଦ ହେବ। ସିଆରପିଏଫ ୬୪ ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଶ୍ୱିତା ଆରଏସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ କୁମାର ଭୋଇ, କେଗାଁ ସରପଞ୍ଚ ଅମୃତା ବଚ୍ଛା ଓ ସିନାପାଲି ସରପଞ୍ଚ ନୁକେଶ୍ୱର ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସିଆରପିଏଫ ଲୋକଙ୍କୁ ସୁରକ୍ଷା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ଲୋକଙ୍କୁ ସହଯୋଗର ହାତ ବଢାଇ ଆସୁଛି ବୋଲି ବିପ୍ଳବ ସରକାର କହିଥିଲେ।

# ଆଜି ଗଣତି, ଚାଲିଛି ଅଙ୍କକଷା

**ବରଗଡ଼ ଅଫିସ୍,୨୫।୩**

**ବରଗଡ଼ ଜିଲାରେ ପୌର ଭୋଟ୍**
- ବରଗଡ଼ ଓ ପଦ୍ମପୁରରେ କଡ଼ା ମୁକାବିଲା
- ବରପାଲିରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା
- ବିଜେପୁର ଉପରେ ସମସ୍ତଙ୍କ ନଜର

ପୌର ନିର୍ବାଚନ ପାଇଁ ମତଦାନ ସରିବା ପରେ ବରଗଡ଼ ଜିଲାରେ ପ୍ରାର୍ଥୀଙ୍କ ଜିତହାର୍ ପାଇଁ ଅଙ୍କକଷା ଆରମ୍ଭ ହୋଇଛି। ଶନିବାର ଭୋଟ୍ ଗଣତି ପରେ ପ୍ରାର୍ଥୀଙ୍କ ଭାଗ୍ୟଫଳ ସ୍ପଷ୍ଟ ହୋଇଯିବ। ଜିଲାର ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ବିଜେପୁର ଏବଂ ପଦ୍ମପୁର ଏନ୍ଏସିରେ ପୌର ନିର୍ବାଚନ ପାଇଁ ମତଦାନ ହୋଇଥିଲା। ସବୁଦଳ ବିଜୟ ପାଇଁ ଆଶାବାଦୀ ଅଛନ୍ତି। ତେବେ ପ୍ରାର୍ଥୀଙ୍କ ଜିତ୍‌ହାରରେ ବିଦ୍ରୋହୀ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ଚର୍ଚ୍ଚା ହେଉଛି। ଫଳରେ ଗଣତି ପୂର୍ବରୁ ଦଳୀୟ ନେତାମାନେ ତାକୁ ନେଇ ଜୟ, ପରାଜୟର ଆକଳନ ଆରମ୍ଭ କରି ଦେଇଛନ୍ତି।

ବରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ପଦବୀ ପାଇଁ ୧୦ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥିନୀ ବିଜେଡ଼ିରେ ମିଶିବା ପରେ ଅନ୍ୟ ୧୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଥିଲା। ସେହିପରି ମ୍ୟୁନିସିପାଲିଟିର ୧୯ ୱାର୍ଡରେ ୬୮ଜଣ କାଉନସିଲରଙ୍କ ମଧ୍ୟରେ ଲଢ଼େଇ ଚାଲିଥିଲା। ଅନ୍ୟ ପୌରାଞ୍ଚଳ ଅପେକ୍ଷା ଏଠାରେ ଶାସକ ବିରୋଧୀ ମତଦାନ (ଆଣ୍ଟି ଇନକ୍ୟୁବେନ୍ସି) ଯଥେଷ୍ଟ ପରିଲକ୍ଷିତ ହୋଇଥିଲା। ତେବେ ମତଦାନ ହାର ଆଶାନୁରୂପ ହୋଇ ନ ଥିବାରୁ ତାହା ଶାସକ ଦଳକୁ ସୁହାଇବ ବୋଲି ଆଲୋଚନା ହେଉଛି। ଶନିବାର ସକାଳ ୮ଟାରୁ ଜର୍ଜ ହାଇସ୍କୁଲରେ ଭୋଟ୍ ଗଣତି ଆରମ୍ଭ ହେବ। ୧୦ଟି ଟେବୁଲରେ ଗଣତି ହେବାକୁ ଥିବାବେଳେ ୫ଟି ଟେବୁଲ ଅଧ୍ୟକ୍ଷା ଏବଂ ୫ଟି ଟେବୁଲ କାଉନସିଲର ପ୍ରାର୍ଥୀଙ୍କ ପାଇଁ ରହିଛି।

ବିଜେପୁରରେ ପ୍ରଥମଥର ପାଇଁ ଏନ୍ଏସି ନିର୍ବାଚନ ହେଉଥିବାରୁ ଫଳାଫଳକୁ ସମସ୍ତେ ଉତ୍କଣ୍ଠାର ଚାହିଁ ବସିଛନ୍ତି। ଏଠାରେ ମତଦାନ ହାର ଜିଲାର ସର୍ବାଧିକ ଅର୍ଥାତ୍ ୮୪.୭୧ ପ୍ରତିଶତ ରହିଛି। ଏହି ନିର୍ବାଚନରେ ବିଜେଡି ନିଜ ସପକ୍ଷରେ ଅଧିକ ମତଦାନ ଆସିଥିବା ନେଇ ଆକଳନ କରୁଛି। ଅନ୍ୟପଟେ ବିରୋଧୀ ଭାଜପା, କଂଗ୍ରେସ ମଧ୍ୟ ବିଜୟୀ ପାଇଁ ଆଶାବାଦୀ ଅଛନ୍ତି। ୧୧ୱାର୍ଡ ବିଶିଷ୍ଟ ଉକ୍ତ ଏନ୍ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୩ଜଣ ଏବଂ କାଉନସିଲର ପଦବୀ ପାଇଁ ୩୪ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଶନିବାର ବିଜେପୁର କଲେଜରେ ହେବାକୁ ଥିବା ଭୋଟ ଗଣତିରେ ଜିତହାର ଜଣାପଡ଼ିବ। ଏଠାରେ ୪ଟି ଟେବୁଲରେ ଭୋଟ୍ ଗଣତି ହେବ।

୧୧ୱାର୍ଡ ବିଶିଷ୍ଟ ବରପାଲି ଏନ୍ଏସିରେ ଏଥର ନିର୍ବାଚନ ଅଧିକ ଚର୍ଚ୍ଚିତ ହୋଇ ପଡ଼ିଛି। ଉକ୍ତ ଏନ୍ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୯ ଏବଂ କାଉନସିଲର ପଦବୀ ପାଇଁ ୩୭ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ତେବେ ଅଧ୍ୟକ୍ଷ ପଦବୀ ପାଇଁ ଶାସକ ବିଜେଡ଼ି ସହିତ ସ୍ୱାଧୀନ ପ୍ରାର୍ଥୀ ଦିନେଶ ଗହୀରଙ୍କ ସିଧାସଳଖ ଲଢ଼େଇ ହୋଇଥିବା ଆଲୋଚନା ହୋଇଛି। ଅନ୍ୟପଟେ କଂଗ୍ରେସ ଏବଂ ଭାଜପା ମଧ୍ୟ ପଛରେ ପଡ଼ିନାହାନ୍ତି। ସ୍ୱାଧୀନ ପ୍ରାର୍ଥୀ ଗହୀରଙ୍କ ସହିତ ବିଜେଡ଼ି ପ୍ରାର୍ଥୀ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଲଢ଼େଇର ଫାଇଦା ଭାଜପା ଓ କଂଗ୍ରେସ ଉଠାଇବେ ବୋଲି ଚର୍ଚ୍ଚା ଚାଲିଛି। ପଦ୍ମପୁର ଏନ୍ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୫ଜଣ ଏବଂ କାଉନସିଲର ପଦବୀ ପାଇଁ ୨୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଜଣେ ଭାଜପା ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ କଂଗ୍ରେସ ନାମାଙ୍କନ ଦାଖଲ କରି ନ ଥିବାରୁ ଗୋଟିଏ ଆସନ ବିଜେଡ଼ି ଖାତାକୁ ଯାଇ ସାରିଛି। ତେବେ ଅଧ୍ୟକ୍ଷ ସମେତ ବାକି ଆସନ ମଧ୍ୟ ଦଳ ସପକ୍ଷକୁ ଆସିବ ବୋଲି ବିଜେଡ଼ି ଆଶାବାଦୀ ରହିଛି। ଉଭୟ ବିଜେଡ଼ି ଓ ଭାଜପା ମଧ୍ୟରେ ଏଠାରେ କଡ଼ା ଟକ୍କର ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଶନିବାର ପଦ୍ମପୁର ଅଞ୍ଚଳ କଲେଜରେ ଭୋଟ୍ ଗଣତି ପରେ ଭୋଟରମାନେ କାହାକୁ ବାଛିଛନ୍ତି, ତାହା ସ୍ପଷ୍ଟ ହୋଇଯିବ।

## ନବନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବେହେରା,୨୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ବ୍ଲକର ସମସ୍ତ ନବନିର୍ବାଚତ ପ୍ରତିନିଧୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପାଟ୍ଟଯୋଷୀ ଯୋଗଦେଇ ଦଣ୍ଡପାଟ ପ୍ରତି କୌଣସି ଅବହେଳା ହେବନି, ଏହି ଅଞ୍ଚଳକୁ ସବଠୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି କହିଥିଲେ। ତାଙ୍କ ସହିତ ଉପାଧ୍ୟକ୍ଷା ଜୁଲି ମେହେର, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ବଡଫୁର୍ଲା ସମିତିସଭ୍ୟ ସରୋଜ କୁମାର ଶବର, ଖଏରପଦର ସମିତି ସଭ୍ୟ ପ୍ରଶନ୍ନ ବିହାରୀ, ସନ୍ଧିକୁଲିଆରି ସମିତିସଭ୍ୟ ସୁଜିତ କୁମାର ସାହୁ, ଜୟନ୍ତପୁର ସମିତିସଭ୍ୟ ଥବିର ନାଗ, ନନ୍ଦଗାଁ ସମିତିସଭ୍ୟ ଭୁବନେଶ୍ୱର ଶବର, ବ୍ରାହ୍ମଣଛେଣ୍ଡିଆ ସମିତିସଭ୍ୟ ଇନ୍ଦୁମତି ମାଝି ପ୍ରମୁଖ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଥମେ ବେହେରା ଦନ୍ତେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ବାହାରି ଗୋରୁବଜାର ପ୍ରାଙ୍ଗଣ କାର୍ଯ୍ୟକ୍ରମସ୍ଥଳ ଆସିଥିଲେ। ସମସ୍ତ ନୂତନ ନିର୍ବାଚିତ ପ୍ରତିନିଧୀମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଅଶୋକ ପାଟ୍ଟଯୋଷୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ କ୍ଷୀରସିନ୍ଧୁ ବାଣୁଆ, ରଜତ ବଂଶଳ, ଭବେଶ ଗଇନ୍ତା, ନିଲେଶ ବଂଶଳ, ହୁକିମ ବିଶି, ତ୍ରିଲୋକ୍ୟ ସିଂ, ବାଳକୃଷ୍ଣ ବିଶି ପରିଚାଳନା କରିଥିଲେ। ସଭାରେ ଦଣ୍ଡପାଟ ଅଞ୍ଚଳର ମହିଳା ସଂଘ ଓ ଅନେକ ଭଦ୍ରବ୍ୟକ୍ତି ଉପସ୍ଥିତ ରହିଥିଲେ।

# ସରପଞ୍ଚରୁ ଜିଲା ପରିଷଦ ଉପସଭାପତି

**ଭବାନୀପାଟଣା,୨୫।୩(ସ୍ୱ.ପ୍ର.)**



ଜିଲା ପରିଷଦ ଉପସଭାପତି ହେବା ପରେ ସୁଧୀରାଙ୍କୁ ଦଳୀୟ କର୍ମୀ ଶୁଭେଚ୍ଛା ଜଣାଉଛନ୍ତି।

**କଳାହାଣ୍ଡି ଜିଲା**
- ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁଧୀରା
- ଭାଜପା ଗଡ଼ରେ ବିଜେଡିର ପ୍ରଥମ ବିଜୟ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସୁଧୀରା ମେହେର କଳାହାଣ୍ଡି ଜିଲା ପରିଷଦ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଜିଲା ପରିଷଦ ଉପସଭାପତି ନିର୍ବାଚନରେ ବିଜେଡି ପକ୍ଷରୁ ତାଙ୍କ ନାମ ସୁପାରିଶ ହୋଇଥିଲା। ଉପସଭାପତି ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଆଉ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ ନ କରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଘୋଷଣା କରିଥିଲେ। ସୁଧୀରା ଏହା ପୂର୍ବରୁ ଚିଚୈଗୁଡା ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ସରପଞ୍ଚ ସମୟରେ ସେ ଅନେକ ବିକାଶ ମୂଳକ କାର୍ଯ୍ୟ କରି ସ୍ଥାନୀୟ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଫଳରେ ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ତାଙ୍କୁ ଆଟିଗାଁ ଜୋନ୍ ଜିଲା ପରିଷଦ ପ୍ରାର୍ଥିନୀ ଭାବେ ଛିଡା କରିଥିଲା। ଭାଜପାର ଗଡ କୁହାଯାଉଥିବା ଏହି ଜୋନ୍‌ରେ ପ୍ରଥମ ଥର ପାଇଁ ସେ ବିଜେଡିକୁ ବିଜୟୀ ଦେଇଥିଲେ। ଏହି ଜୋନ୍‌ରେ ପୂର୍ବରୁ ବିଜେଡି ଖାତା ଖୋଲି ପାରି ନ ଥିଲା। ଲଗାତାର ୪ ଥର ଏଠାରେ ଭାଜପା ବିଜୟୀ ହୋଇଥିଲା। ହେଲେ ଏଥର ସୁଧୀରା ପୂର୍ବତନ ଜିଲା ପରିଷଦ ସଭାପତି ତଥା ଭାଜପା ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେରଙ୍କୁ ୧୦ ହଜାର ୮୫୫ ଭୋଟରେ ହରାଇ ବିଜୟୀ ହୋଇଥିଲେ। ମମିତା ମେହେର ହତ୍ୟା ଘଟଣାକୁ ନେଇ କଳାହାଣ୍ଡି ଜିଲା ସମେତ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରି ଇସ୍ତଫା ଓ ଗିରଫ ଦାବିରେ ବିରୋଧି ଗର୍ଜିଥିଲେ। ତେବେ ମନ୍ତ୍ରୀ ମିଶ୍ରଙ୍କୁ ଭରସା କରି ଦଳ କ୍ଲିନଚିଟ୍ ଦେଇଥିଲା। ଏପରିକି ପଞ୍ଚାୟତ ନିର୍ବାଚନରେ ଏହାକୁ ଚେକ୍ ଦେବା ପାଇଁ ବିଜେଡି ପକ୍ଷରୁ ଏହି ନିର୍ବାଚନମଣ୍ଡଳୀର ଏହି ଜୋନ୍‌ରେ ଉକ୍ତ ସମ୍ପ୍ରଦାୟର ସୁଧୀରାଙ୍କୁ ପ୍ରାର୍ଥିନୀ କରିଥିଲା। ସ୍ଥାନୀୟ ନିର୍ବାଚନମଣ୍ଡଳୀର ସବୁ ଜିଲା ପରିଷଦ ସଭ୍ୟା/ସଭ୍ୟ ମଧ୍ୟରୁ ସେ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ଫଳରେ ଦଳ ତାଙ୍କୁ ଭରସା କରି ଜିଲା ଉପସଭାପତି ପଦ ପାଇଁ ଚୟନ କରିଥିଲା। ସରପଞ୍ଚରୁ ଜିଲା ପରିଷଦ ଉପସଭାପତି ହେବାକୁ ନେଇ ସ୍ଥାନୀୟ ଚିଚୈଗୁଡା ପଞ୍ଚାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏପରିକି ଦଳର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସ୍କାଉଟ୍, ଗାଇଡ୍ ରାଲି ପାଇଁ ପ୍ରସ୍ତୁତି

**ସରଣ୍ଡା,୨୫।୩(ଡି.ଏନ.ଏ)**

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୮ତାରିଖରେ ଅତାବିରା ବ୍ଲକ ଗୋଡ଼ଭଗା ଜନତା ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ସ୍କାଉଟ୍, ଗାଇଡ୍ ରାଲି ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ଶୁକ୍ରବାର ଜନତା ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅଦନ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୁମିନି ଆସୋସିଏଶନ ସଭାପତି ସୁନିଲ ମିଶ୍ର, ସଂଯୋଜକ ପଞ୍ଚାନନ ପ୍ରଧାନ, ଗୋକୁଳାନନ୍ଦ ଭୋଇ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ପୁଷ୍ପଲତା ସିଂ, କୁନ୍ତଳା ବେହେରା, କାର୍ଯ୍ୟକାରୀ ସଭାପତି ଅକ୍ଷୟ କର୍ଣ୍ଣ, ସଞ୍ଜୀବ ପୋଢ଼, କେ. ୱାରାପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକର ୨୦ସ୍କାଉଟ୍ ଏବଂ ୨୦ଗାଇଡ୍ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।



ସ୍କାଉଟ୍, ଗାଇଡ୍ ରାଲି ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

## ମୋହନ ଲୁହା ଜିଲା ପରିଷଦ ଉପାଧ୍ୟକ୍ଷ

**ବରଗଡ଼ ଅଫିସ୍,୨୫।୩**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଉପାଧ୍ୟକ୍ଷ ନିର୍ବାଚନ ହୋଇଥିଲା। ଏଥିରେ ବିଜେଡ଼ି ପ୍ରାର୍ଥୀ ମୋହନ ଲୁହା ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉକି, ଲୁହା ବରଗଡ଼ ବ୍ଲକ ଜୋନ-୩ରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଉପାଧ୍ୟକ୍ଷ ନିର୍ବାଚିତ ହେବା ପରେ ସେ ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି।

## ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

**ଲାଠୋର,୨୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଅନିୟମିତତାକୁ ନେଇ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥିବା ଏକ ଅଭିଯୋଗପତ୍ର ଗଣଶିକ୍ଷା ନିର୍ଦ୍ଦେଶକଙ୍କୁ ଶୁକ୍ରବାର ପ୍ରେରଣ କରାଯାଇଛି। ଏ ନେଇ ଅଭିଯୋଗକାରୀମାନେ ସୂଚନା ଦେଇଛନ୍ତି। ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ ବିଦ୍ୟାଳୟରେ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ହୋଇଥିବା ଅଡ଼ିଟ ଶିକ୍ଷାନୁଷ୍ଠାନରେ ଚାଲିଥିବା ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ବିଦ୍ୟାଳୟର ଅଧକ୍ଷ ଡ଼.ନାରାୟଣ ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସେ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ବିଦ୍ୟାଳୟକୁ ହୋଇଥିବା ନୋଟିସର ଉତ୍ତର ଉପର ମହଲକୁ ଦେଇ ସାରିଛି। ବ୍ୟକ୍ତିଗତ ଦାଉ ସାଧି ବିଦ୍ୟାଳୟରେ ରହିଥିବା ୧୯୬ ସିଟକୁ ହ୍ରାସ କରି ୯୨ କରାଯାଇ ଅଞ୍ଚଳର ନିରୀହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଛି। ତେବେ ବିଦ୍ୟାଳୟର ସ୍ୱାର୍ଥ ଦୃଷ୍ଟିରୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଦୀପିକା କୌଶଲ୍ୟା ଜିଲା ପରିଷଦ ଉପସଭାପତି ନିର୍ବାଚିତ

**ନୂଆପଡ଼ା ଅଫିସ,୨୫।୩**

ନୂଆପଡା ଜିଲା ପରିଷଦ ଉପସଭାପତି ନିର୍ବାଚନ ସହ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମାପ୍ତ ହୋଇଛି। ଜିଲାରେ ୧୪ଟି ଜିଲା ପରିଷଦ ଆସନରୁ ବିଜେଡି ୧୨ଟି ଆସନରେ ବିଜୟ ହୋଇ ଜିଲା ପରିଷଦ ସଭାପତି ଆସନ ଦଖଲ କରିଥିବା ବେଳେ ଉପସଭାପତି ପଦବୀ ମଧ୍ୟ କବାଜ୍ କରିଛି। ଜିଲା ପରିଷଦ ଜୋନ ୩ରେ ବିଜୟୀ ପ୍ରାର୍ଥିନୀ ଦୀପିକା କୌଶଲ୍ୟା ଦୀପ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନୂଆପଡା ସଦଭାବନା ଗୃହରେ ବିଧାୟକ ରାଜେନ୍ଦ୍ର ଢୋଲକିଆ ସହିତ ସମସ୍ତ ନବନିର୍ବାଚିତ ଜିଲା ପରିଷଦ ସଭ୍ୟାସଭ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ଦୀପିକା କୌଶଲ୍ୟାଙ୍କ ନାମ ଘୋଷଣା କରିଥିଲେ। ଦୀପିକା ଦଳୀୟ ନିର୍ଦ୍ଦେଶକୁ ମାନି ନାମାଙ୍କନ ଦାଖଲ କରିଥିଲେ। ଦଳୀୟ ଶୃଙ୍ଖଳାକୁ ମାନି ଅନ୍ୟ କେହି ନାମାଙ୍କନ ଦାଖଲ କରି ନ ଥିଲେ। ନାମାଙ୍କନପତ୍ର ଯାଞ୍ଚ ପରେ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ଦୀପିକାଙ୍କୁ ଜିଲା ପରିଷଦ ଉପାଧକ୍ଷ ଭାବେ ନାମ ଘୋଷଣା କରାଯାଇଥିଲେ। ଉପାଧକ୍ଷ ନିର୍ବାଚନ ପରେ ଦୀପିକା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ୫୦ ପ୍ରତିଷଦ ସଂରକ୍ଷଣ ଦେବା ଘୋଷଣା କରିଛନ୍ତି। ଏହାକୁ ସାକାର ପୂର୍ବକ ନୂଆପଡାର ଜିଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ ଉଭୟ ମହିଳାଙ୍କୁ ଅଗ୍ରାଧିକାର ଦେଇଥିବାରୁ ବିଧାୟକ ଢୋଲକିଆ, ଜିଲା ସଭାପତି ମନୋଜ କୁମାର ମିଶ୍ର, ଜିଲା ମହା ସଚିବ ଲମ୍ବୋଦର ନିଆଲ ପ୍ରମୁଖ ଉପରେ ଭରସା ରଖିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଆଜି ପୌର ଭୋଟ୍ ଗଣତି

**ବଲାଙ୍ଗୀର ଅଫିସ,୨୫।୩**

ଶନିବାର ସକାଳ ୮ଟାରୁ ପୌର ନିର୍ବାଚନ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଏଥିସକାଶେ ସମସ୍ତ ପ୍ରସ୍ତୁତି ସରିଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସରେ ହେବାକୁ ଥିବା ଭୋଟ ଗଣତି ପ୍ରକ୍ରିୟା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କ ଭୋଟ ଗଣତି ପାଇଁ ୫ଟି ଟେବୁଲ ଏବଂ ୨୧ଟି ୱାର୍ଡର କାଉନସିଲର ପ୍ରାର୍ଥୀଙ୍କ ଭୋଟ ଗଣତି ପାଇଁ ୫ଟି ଟେବୁଲ ଏଭଳି ସମୁଦାୟ ୧୦ଟି ଟେବୁଲ କରାଯାଇଛି। ଏଠାରେ ସର୍ବାଧିକ ୨୦ ରାଉଣ୍ଡ ଭୋଟ ଗଣତି କରାଯିବ ବୋଲି ଜଣାପଡିଛି। ଭୋଟ ଗଣତିକୁ ଆଖି ଆଗରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ଏହାସହିତ ସଦର ଏସଡିପିଓ ତୋଫାନ୍ ବାଗଙ୍କ ନେତୃତ୍ୱରେ ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଏସ୍‌ଆଇ ଏବଂ ଗୋମଗାର୍ଡ ରହିବେ। ଭୋଟ ଗଣତି ସୁରୁଖୁରୁରେ ପରିଚାଳନା ପାଇଁ କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ସୁପରଭାଇଜର ନିୟୋଜିତ କରାଯାଇଛି। ପୌର ନିର୍ବାଚନ ଅଧିକାରୀ ତଥା ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିବେ।

## ହାର୍ଡକୋର୍ ମହିଳା ମାଓବାଦୀ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ହାଜର ହେଲେ

**କଣ୍ଟାବାଞ୍ଜି,୨୫।୩(ଡି.ଏନ.ଏ.)**

**ଡଙ୍ଗିଆ ଦେଶୀ ମଦଭାଟି ପୋଡ଼ି ଘଟଣା**

ଶୁକ୍ରବାର ହାର୍ଡକୋର ମହିଳା ମାଓବାଦୀ ନିର୍ମଳା ଓରଫ ଦୁର୍ମିଳାଙ୍କୁ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ପାଟଣାଗଡ ପୋଲିସ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା ନିର୍ମଳାଙ୍କୁ କୋର୍ଟରେ ହାଜର କରିଥିଲେ। ବଲାଙ୍ଗୀର ଜିଲାର ତତ୍କାଳୀନ କଣ୍ଟାବାଞ୍ଜି ଥାନା ତଥା ବର୍ତ୍ତମାନର ବଙ୍ଗୋମୁଣ୍ଡା ଥାନା ଅଧୀନ ଡଙ୍ଗିଆ ଗାଁରେ ଏକ ଦେଶୀ ମଦଭାଟିକୁ ଗତ ୨୦୧୫ ମସିହାରେ ମାଓବାଦୀମାନଙ୍କ ଦ୍ୱାରା ପୋଡା ଯାଇଥିଲା। ଡଙ୍ଗିଆ ସହ ତୁରେକେଲା ଥାନା ଅଧୀନ ଢୋଲମାନ୍ଦଲ, ଜାମକି ଗ୍ରାମରେ ଥିବା ମଦ ଭାଟି ସହ ବଡବାଙ୍କିସ୍ଥିତ ସାନକେନ୍ଦୁଠାରେ ଜଣେ ଠିକାଦାରଙ୍କ କ୍ୟାମ୍ପ ପୋଡି ଘଟଣା ମଧ୍ୟ ସେହି ମସିହାରେ ଘଟିଥିଲା। ଡଙ୍ଗିଆ ଭାଟି ପୋଡି ଘଟଣାରେ ସଂପୃକ୍ତ ଥିବା ମହିଳା ମାଓବାଦୀ ନିର୍ମଳା ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲରେ ବାର୍‌ହା ଫାଶରେ ଛନ୍ଦି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ଚିକିତ୍ସା ପାଇଁ ନିଜ ନାମକୁ ଦୁର୍ମିଳା ଦର୍ଶାଇ ବିଶାଖାପାଟଣାକୁ ଯାଇ ଆଲେପି ବୋକାରୋ ଏକ୍ସପ୍ରେସ ଟ୍ରେନରେ ଫେରୁଥିଲେ। ଏ ସମ୍ପର୍କରେ ତତ୍କାଳୀନ ବଲାଙ୍ଗୀର ଜିଲା ଏସ୍‌ପି.,ପାଟଣାଗଡ ପୋଲିସ ଏସଡିପିଓ, ଟିଟିଲାଗଡ ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟ୍ରେନରୁ ତାଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ଗିରଫ ହେଲା ପରେ ନିର୍ମଳା ନିଜ ଦୋଷକୁ ସ୍ୱୀକାର କରିଥିଲେ। ଏବେ ସେ ପାଟଣାଗଡ ସବ୍ ଜେଲରେ ବିଚାରଧୀନ କଏଦୀ ଭାବେ ଅଛନ୍ତି। ଏହି ମାମଲାକୁ ନେଇ ଶୁକ୍ରବାର ତାଙ୍କୁ କଣ୍ଟାବାଞ୍ଜି କୋର୍ଟରେ ହାଜର କରାଯାଇଥିଲା।

# ଦୁର୍କାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ

**ଲାଞ୍ଜିଗଡ,୨୫।୩(ଡି.ଏନ.ଏ.)**



ଦୁର୍କା ଗ୍ରାମବାସୀଙ୍କ ସହ ବ୍ଲକ ପ୍ରଶାସନିକ ଟିମ୍‌ର ଆଲୋଚନା।

**ଦୁର୍ଗମ ଗାଁରେ ପହଞ୍ଚିଲା ବ୍ଲକ ପ୍ରଶାସନ ଟିମ୍**

କଳାହାଣ୍ଡି ଜିଲାର ଅନେକ ଗାଁ ଆଜି ବି ମୌଳିକ ସୁବିଧା ଯଥା ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟଜଳରୁ ବଞ୍ଚିତ। ସେଥିମଧ୍ୟରୁ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ଦୁର୍କା ଗ୍ରାମ ଅନ୍ୟତମ। ସୂଚନାଯୋଗ୍ୟ ଯେ, ଏହି ଗାଁ ବ୍ଲକ ସଦରମହକୁମାରୁ ୩୫ କି.ମି. ଦୂର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୬ କି.ମି.। ଗାଁକୁ ରାସ୍ତା ନ ଥିବାରୁ ପିଡିଏସ ସାମଗ୍ରୀ ନେବା ପାଇଁ ମଧ ୧୦ କି.ମି. ପାହାଡ ଚଡି ଯିବାକୁ ପଡୁଥିଲା। କୌଣସି ସରକାରୀ ଅଧିକାରୀ ମଧ ସେ ଗାଁକୁ ଯାଇପାରୁ ନ ଥିଲେ। ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ବ୍ଲକଠାରୁ ଜିଲା ପର୍ଯ୍ୟନ୍ତ ଅଭିଯୋଗ ହେଉଥିଲା। ହେଲେ ନିଦାବିଷ୍ଟୁ ସାଜିଥିଲେ ପ୍ରଶାସନ। ଶୁକ୍ରବାର ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପାହାଡ ଚଡି ଚାଲି ଚାଲି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ ଗାଁର ଚିତ୍ର ଓ ଜନସାଧାରଣଙ୍କ ଆକୁଳ ନିବେଦନରେ ଲୋକଙ୍କୁ ଏହି ଗାଁକୁ ନିଶ୍ଚିତ ଭାବେ ରାସ୍ତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ପ୍ରତିଶ୍ରୁତି ପରେ ଲୋକଙ୍କ ମଧ୍ୟରେ ଏକ ନୂତନ ଆଶା ସଞ୍ଚାର ହୋଇଛି। ଅଧିବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ଆଜି ପୂରଣ ହୋଇଛି। ରାସ୍ତା ନିମାଣ ପାଇଁ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବିଡିଓଙ୍କ ସହ ବ୍ଲକ ପ୍ରଶାସନର ଏକ ଟିମ ମଧ୍ୟ ସେହି ଗାଁରେ ପହଞ୍ଚିଥିଲା। ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଡିଓ ମିଶ୍ର, କୁଟିଆକନ୍ଧ ଉନ୍ନୟନ ପ୍ରୋଜେକ୍ଟ ମ୍ୟାନେଜର ଲମ୍ବୋଧର ପ୍ରଧାନ, ସହକାରୀ ଯନ୍ତ୍ରୀ ରେଣୁକା ଠାକୁର, ଯନ୍ତ୍ରୀ ଗୋଲକ ବିହାରୀ ଭୋଇ, ଲାଞ୍ଜି ସରପଞ୍ଚ ଜମୁନା ମାଝି ପ୍ରମୁଖ ଗାଁ ଲୋକଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣର ଶୁଭ ଦିଆଯାଇଥିଲା। ଦୀର୍ଘ ବର୍ଷ ପରେ ଗାଁକୁ ରାସ୍ତା ହେବା କଥା ଶୁଣି ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଥିଲା। କେକେଡିଏ ପକ୍ଷରୁ ପାଞ୍ଚଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ବ୍ଲକ ପକ୍ଷରୁ ପାଞ୍ଚଲକ୍ଷ ଓ ପଞ୍ଚାୟତରୁ ମଧ ଦୁଇଲକ୍ଷ ଅର୍ଥ ମଞ୍ଜୁର କରାଯିବ ବୋଲି ବିଡିଓ ମିଶ୍ର ପ୍ରକାଶ କରିଛନ୍ତି। ଲାଞ୍ଜିଗଡ ବିଡିଓ ବ୍ଲକରେ ଯୋଗଦେବା ପରେ ପାହାଡ ଉପରେ ଥିବା ଦୁର୍ଗମ ଅଞ୍ଚଳବାସୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସମତଳ ଜାଗାରେ ଘର ନିର୍ମାଣ କରି ସମସ୍ତ ମୌଳିକ ସୁବିଧା ଯୋଗାଇ ଦେଉଛନ୍ତି। ବିଡିଓ ମିଶ୍ରଙ୍କ ବ୍ଲକର ଅପହଞ୍ଚ ଇଲାକାରେ ଥିବା ଗାଁଗୁଡିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗେଇ ଦେଇ ମୁଖ୍ୟ ସ୍ରୋତରେ ସାମିଲ କରୁଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।